ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୧ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 01 NOVEMBER 2023

Vol.No. 34 ■ No. 286■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ନିଷ୍ପତ୍ତିରୁ ଓହରିଲା ବସ୍ ମାଲିକ ସଂଘ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଆସନ୍ତାକାଲି ବୁଧବାରଠୁ ୧୦ଟି ଜିଲ୍ଲାରେ ପ୍ରସ୍ତାବିତ ବସ୍ ଧର୍ମଘଟ ନିଷ୍ପତ୍ତିରୁ ଓହରି ଯାଇଛି ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ । ଏନେଇ ଆଜି ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଥିବାରୁ ଆସନ୍ତାକାଲି ବସ୍ ଧର୍ମଘଟ ନକରିବାକୁ ନିଷ୍ପତ୍ତି ନିଆଯାଇଛି । ଗତକାଲି ଶ୍ରୀ ସାହୁ ନଭେମ୍ବର ୧ରୁ ୧୦ଟି ଜିଲ୍ଲାରେ ବସ୍ ଧର୍ମଘଟ ହେବ ବୋଲି ଚେତାବନୀ ଦେଇଥିଲେ ।

▶▶ପୃଷ୍ଠା ୭

ବାଣ ବିସ୍ଫୋରଣ, ୨ ଗୁରୁତର

ଖୋର୍ଦ୍ଧା, ୩୧/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଜଇନାବାଦରେ ବାଣ ତିଆରି ବେଳେ ବିସ୍ଫୋରଣ ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଭାର୍ଗବୀ ନଦୀ ପଠାରେ ଥିବା ଏକ ଘରେ ବେଆଇନ ଭାବେ ବାଣ ତିଆରି ହେଉଥିବା ବେଳେ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି । ଏଥିରେ ଲକ୍ଷାଧିକ ଟଙ୍କାର ବାଣ ପାଉଁଶ ହୋଇଯାଇଥିବା କୁହାଯାଉଛି । ଖବର ଲେଖାଯିବା ବେଳକୁ ବାଲିପାଟଣା ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା । ଚାରି ଦିନ ତଳେ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଜଗତିସାହିରେ ଏକ ଘରେ ବାଣ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇ ଜଣ ଗୁରୁତର ଆହତ ହୋଇଥିଲେ । ସେହିପରି ବିନା ଲାଇସେନ୍ସରେ ଘରେ ବାଣ ଗଚ୍ଛିତ ରଖି ବେପାର କରୁଥିବା ଅଭିଯୋଗରେ ଗତକାଲି ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ପୁଲିସ୍ କୁସୁମାଟିର ମାଝି ସାହିର ୨ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ବିଜେପି ଗଢ଼ିଲା ୬୩ଜଣିଆ ସୋସିଆଲ ମିଡିଆ ଟିମ୍

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ବିଜେପି ନିଜର ସୋଶାଲ ମିଡିଆ ଟିମକୁ ସୁଦୃଢ଼ କରିଛି । ୬୩ଜଣିଆ ସୋଶାଲ ମିଡିଆ ଟିମରେ ୨ଜଣ ରାଜ୍ୟ ସହସଂଯୋଜକ, ୧୨ଜଣ କୋରଟିମ୍ ସଦସ୍ୟ ଓ ୪୯ଜଣଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସ୍ଥାନ ମିଳିଛି । ବିଜେପି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ବିଜେପି ସୋସିଆଲ ମିଡିଆ ଟିମ୍ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ଆଜି ନିଜର ଏହି ୬୩ଜଣିଆ ଟିମ୍ ଘୋଷଣା କରିଛନ୍ତି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ ପରେ

▶▶ପୃଷ୍ଠା ୭

ବିରୋଧୀଙ୍କ ମୋବାଇଲରେ ସରକାରଙ୍କ ଆଖି

ବିଜେପି ସରକାର ଫୋନ୍ ଏବଂ ଇମେଲ ହ୍ୟାକ କରୁଥିବା ବିରୋଧୀଙ୍କ ଅଭିଯୋଗ

ନୂଆଦିଲ୍ଲୀ, ୩୧/୧୦: ନେତାଙ୍କ ଫୋନ୍ ଆସିଲା ଆଇ-ଫୋନ୍ ଆଲର୍ଟ ମ୍ୟାସେଜ । କେସ୍ ଫର କ୍ୱେରି ପାଇଁ ଗତ କିଛି ଦିନ ହେଲା ବିବାଦରେ ଥିବା ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ରାଙ୍କ ଠାରୁ ଆରମ୍ଭ କରି, ଶିବସେନା ୟୁବିଟି ନେତ୍ରୀ ପ୍ରିୟଙ୍କା ଚର୍ତୁବେଦୀ, କଂଗ୍ରେସ ନେତା ପବନ ଖେରା, ଶଶି ଥରୁର ଓ ଆପ୍ ସାଂସଦ ରାଘବ ଚଢ଼ାଙ୍କ ପାଖକୁ ଆସିଛି ଏପରି ମ୍ୟାସେଜ । ଏହି ମ୍ୟାସେଜ୍ରେ ଲେଖାଅଛି, ଷ୍ଟେଟ ସ୍ପନସର୍ଡ ଆଟାକର୍ସ ମେ ବି ଟାଗେର୍ଟିଂ ୟୋର ଆଇ-ଫୋନ୍ ଅର୍ଥାତ ସରକାର ପ୍ରୟୋଜିତ ଆକ୍ରମଣକାରୀ ଆପଣଙ୍କ ଫୋନକୁ ଆକ୍ରମଣ କରିପାରନ୍ତି । ଏମିତି ମ୍ୟାସେଜ୍ ପରେ ଜୋର ଧରିଛି ରାଜନୀତି । କେନ୍ଦ୍ର ସରକାର ଇଣ୍ଡିଆ ମେଂଟର ନେତାଙ୍କ ଫୋନ୍ ହ୍ୟାକ କରୁଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ । ଟିଏମସି ନେତ୍ରୀ ମହୁଆ ମୋଇତ୍ରା ଟ୍ୱିଟ୍ କରି ଲେଖିଛନ୍ତି, ଆପଲ୍ ପକ୍ଷରୁ ଟେକ୍ସଟ୍ ମ୍ୟାସେଜ ଓ ଇମେଲ ଜରିଆରେ ମତେ ସତର୍କ କରାଯାଇଛି ଯେ ସରକାର ପ୍ରାୟୋଜିତ ଆକ୍ରମଣକାରୀ ମୋ ଫୋନ୍ ଓ ଇମେଲକୁ ହ୍ୟାକ୍ କରିବାକୁ ପ୍ରୟାସ କରୁଛନ୍ତି । ଅଖିଳେଶ ଯାଦବ, ରାଘବ ଚଢ଼ା, ଶଶି ଥରୁର, ପ୍ରିୟଙ୍କା ଚର୍ତୁବେଦୀ, ସୀତାରାମ ୟେଚୁରୀ ଓ ପବନ ଖେରାଙ୍କ ଫୋନ୍ ମଧ୍ୟ ହ୍ୟାକ୍ କରିବାକୁ ଚାହୁଁଛନ୍ତି ଗୃହ ମନ୍ତ୍ରାଳୟ । ପ୍ରିୟଙ୍କା ଚତୁର୍ବେଦୀଙ୍କ ପରି ରାଘବ ଚଢ଼ା, ଶଶି ଥରୁର, ପ୍ରିୟଙ୍କା ଚର୍ତୁବେଦୀ, ସୀତାରାମ ୟେଚୁରୀ ଓ ପବନ ଖେରା ମଧ୍ୟ ଟ୍ୱିଟ୍ କରି ସମାନ ଅଭିଯୋଗ ଆଣିଛନ୍ତି । ଏହି ନେତା ମାନେ ମଧ୍ୟ ସୋସିଆଲ ମିଡିଆରେ ସ୍କ୍ରିନସଟ୍ ସେୟାର କରି କେନ୍ଦ୍ର ସରକାର ବିରୋଧରେ ଅଭିଯୋଗ ବାଢ଼ିଛନ୍ତି ।

▶▶ପୃଷ୍ଠା ୭

ଓଡ଼ିଆ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ଅଲିମ୍ପିକ୍ସ ଟିକେଟ୍

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଟିକେଟ ହାସଲ କରିଛନ୍ତି ଓଡ଼ିଆ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ । ୫୦ ମିଟର ଥ୍ରୀ ପୋଜିସନ ରାଇଫଲ ଇଭେଣ୍ଟ ପାଇଁ ସେ ପାଇଛନ୍ତି ଅଲିମ୍ପିକ୍ସ ଟିକେଟ୍ । କୋରିଆରେ ଚାଲିଥିବା ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କୁ ମିଳିଛି ଏହି ସଫଳତା । ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ରେ ୫୦ ମିଟର ଥ୍ରୀ ପୋଜିସନ ଇଭେଣ୍ଟରେ ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଏଥିରେ ରହିଥିଲେ ଶ୍ରୀୟଙ୍କା । ଏହା ସହିତ ବ୍ୟକ୍ତିଗତ ଭାବେ ଶ୍ରୀୟଙ୍କା ଭଲ ସ୍କୋର କରିବାରୁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିପାରିଛନ୍ତି । ୫୦ ମିଟର ଥ୍ରୀ ପୋଜିସନ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ପାଇଥିବା ଟିମ୍‌ରେ ଶ୍ରୀୟଙ୍କା ଷଡ଼ଙ୍ଗୀଙ୍କ ସହିତ ଆୟୁଶୀ ଓ ଆଶି ରହିଥିଲେ ।

ଆଇପିଏସ ସ୍ତରରେ ଅଦଳ ବଦଳ

ବ୍ରିଜେଶ ରାୟ ହେଲେ ଅତିରିକ୍ତ ପୁଲିସ୍ କମିଶନର

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଆଇପିଏସ ସ୍ତରରେ ଆଜି ଏକ ଛୋଟ ଅଦଳ ବଦଳ କରିଛନ୍ତି ରାଜ୍ୟ ସରକାର । ଗୃହ ବିଭାଗରେ ଓଏସ୍‌ଡି ଥିବା ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅରୁଣ ରାୟଙ୍କୁ ପ୍ରିଣ୍ଟିଂ,ଷ୍ଟେସନାରୀ ଓ ପବ୍ଲିକେସନ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ସ୍ୱତନ୍ତ୍ର ଡିଜିପି, ଏଚ୍‌ଆରପିସି (ମାନବାଧିକାର ସୁରକ୍ଷା ସେଲ୍) ଭାବେ କାର୍ଯ୍ୟ କରୁଥିବା ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ଅମୃତ ମୋହନ ପ୍ରସାଦଙ୍କୁ ଜେଲ୍ ଡିଜି ଭାବେ ବଦଳି କରାଯାଇଛି । ୧୯୮୮ ବ୍ୟାଚ୍ ଆଇପିଏସ୍ ମନୋଜ କୁମାର ଛାବ୍ରା ଆଜି ଅବସର ନେବା ପରେ ଅମୃତ ମୋହନ ପ୍ରସାଦଙ୍କୁ ଜେଲ୍ ଡିଜି ଭାବେ ବଦଳି କରାଯାଇଛି । ଏହା ସହିତ ଅମୃତ ମୋହନ ପ୍ରସାଦଙ୍କୁ କରେନ୍ସିନାଲ ସର୍ଭିସେସ୍ ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି । ପ୍ରିଣ୍ଟିଂ,ଷ୍ଟେସନାରୀ ଓ ପବ୍ଲିକେସନ୍ ନିର୍ଦ୍ଦେଶକ ଥିବା ୧୯୯୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ଅତିରିକ୍ତ ଡିଜିପି,

▶▶ପୃଷ୍ଠା ୭

୫୩ ଦିନ ପରେ ଜେଲରୁ ବାହାରିଲେ ଚନ୍ଦ୍ରବାବୁ ନାଇଡୁ

ନୂଆଦିଲ୍ଲୀ,୩୧/୧୦ : ତେଲୁଗୁ ଦେଶମ ପାର୍ଟି(ଟିଡିପି) ନେତା ଚନ୍ଦ୍ରବାବୁ ନାଇଡୁ ଆଜି ସନ୍ଧ୍ୟାରେ ରାଜାମହେନ୍ଦ୍ରବରମ କେନ୍ଦ୍ରୀୟ ଜେଲରୁ ମୁକୁଳିଛନ୍ତି । ଆନ୍ଧ୍ର ପ୍ରଦେଶ ଦକ୍ଷତା ବିକାଶ କର୍ପୋରେସନ ସ୍କାମ ଘଟଣାରେ ଚନ୍ଦ୍ରବାବୁ ନାଇଡୁ ଗିରଫ ହୋଇଥିଲେ । ୫୩ ଦିନ ପରେ ସେ ଜେଲରୁ ମୁକୁଳିଛନ୍ତି । ଆଜି ହାଇକୋର୍ଟ ୭୩ ବର୍ଷୀୟ ଚନ୍ଦ୍ରବାବୁ ନାଇଡୁଙ୍କୁ ୪ ସପ୍ତାହର ଜାମିନ ଦେଇଛନ୍ତି । ତାଙ୍କ ଡାହାଣ ଆଖିର ମୋତିଆ ବିନ୍ଦୁ ଅପରେସନ ହେବ । ଏଥିପାଇଁ କୋର୍ଟରୁ ତାଙ୍କୁ ଜାମିନ ମିଳିଛି । କୋର୍ଟ ଚନ୍ଦ୍ରବାବୁଙ୍କୁ ୧ ଲକ୍ଷ ଟଙ୍କାର ବେଲ ବଣ୍ଡ ବଳରେ ଜେଲରୁ ମୁକୁଳିବାକୁ ଅନୁମତି ଦେଇଛନ୍ତି । ତେବେ ତାଙ୍କୁ ନଭେମ୍ବର ୨୮ ସନ୍ଧ୍ୟା ୫ଟା ପୂର୍ବରୁ ଜେଲ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି । ସେ ନିଜ ପସନ୍ଦର ହସ୍ପିଟାଲରେ ଚିକିତ୍ସା କରାଇ ପାରିବେ । କିନ୍ତୁ କୋର୍ଟରେ ଯେମିତି ହେଲେ ମେଡିକାଲ ରିପୋର୍ଟ ଦାଖଲ କରିବେ । ଆଜି ସନ୍ଧ୍ୟାରେ ଚନ୍ଦ୍ରବାବୁ ନାଇଡୁ ଜେଲରୁ ମୁକୁଳିବା ପରେ ତାଙ୍କ ଦଳର ନେତା ଓ କର୍ମୀ ରାଜାମୁନ୍ଦ୍ରୀ ଠାରୁ ଆରମ୍ଭ କରି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରେ ଖୁସି ମନାଇଛନ୍ତି । ସେହିପରି ତାଙ୍କ ପୁଅ ନାରା ଲୋକେଶ ବାପାଙ୍କ ମୁକ୍ତିକୁ ଗୋଟିଏ ବଡ଼ ବିଜୟ ବୋଲି ଅବିହିତ କରିଛନ୍ତି ।

▶▶ପୃଷ୍ଠା ୭

ସାମ୍ନାକୁ ଆସିଲା ଆଉ ଏକ ବଡ ତଥ୍ୟ ଚୋରୀ ମାମଲା

ଡାର୍କ ୱେବ୍ ମାଧ୍ୟମରେ ଚୋରୀ ହୋଇଛି ଲକ୍ଷ ଲକ୍ଷ ଭାରତୀୟଙ୍କ ଆଧାର ତଥ୍ୟ

ନୂଆଦିଲ୍ଲୀ,୩୧/୧୦ : ଦେଶ ପ୍ରଯୁକ୍ତି ବିଦ୍ୟାକୁ ନେଇ ଯେତେ ଆଗଉଛି ତା ଠାରୁ ଆଗରେ ରହୁଛନ୍ତି ସାଇବର ଠକମାନେ । କେବେ ଓଟିପି ମାଧ୍ୟମରେ କାହା ଆକାଉଣ୍ଟରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି ତ କେବେ ବିଭିନ୍ନ ସଂସ୍ଥାର ୱେବସାଇଟ ହ୍ୟାକ୍ କରି କୋଟି କୋଟି ଲୋକଙ୍କର ତଥ୍ୟ ଚୋରୀ କରିନେଉଛନ୍ତି । ଏସବୁ ଭିତରେ ଏକ ବଡ ଖବର ଏବେ ସାମ୍ନାକୁ ଆସିଛି । ଏକ ବଡ ଧରଣର ଆଧାର ତଥ୍ୟ ଚୋରୀ ଏବେ ସାମ୍ନାକୁ ଆସିଛି । ଯାହାକୁ ନେଇ ଆକଳନ କରାଯାଉଛି କି, ଏବେ ଲକ୍ଷ ଲକ୍ଷ ଭାରତୀୟଙ୍କ ଆଧାର ତଥ୍ୟ ବିପଦରେ ପଡିଛି । ଆମେରିକାର ସାଇବର ସୁରକ୍ଷା ସଂସ୍ଥା ରିସିକ୍ୟୁରିଟି ପକ୍ଷରୁ କିଛି ତଥ୍ୟ ପ୍ରକାଶ ପାଇବା ପରେ ଏହାକୁ ନେଇ ଭାରତରେ ଆଲୋଚନା ଜୋର ଧରିଛି । ରିସିକ୍ୟୁରିଟିର ତଥ୍ୟ ମୁତାବକ ଡାର୍କ ୱେବରେ ଏବେ ଲକ୍ଷ ଲକ୍ଷ ଭାରତୀୟଙ୍କ ଆଧାର ତଥ୍ୟ ବିକ୍ରି ପାଇଁ ଉପଲବ୍ଧ ରହିଛି । ହ୍ୟାକରମାନେ କିଛି ଭାରତୀୟଙ୍କର ଆଧାର, ପାସପୋର୍ଟ ତଥ୍ୟ ସହିତ ନାମ, ଫୋନ ନମ୍ବର ଏବଂ ଠିକଣା ଆଦି ବିକ୍ରି କରିବାକୁ ଅନଲାଇନରେ ଉପଲବ୍ଧ କରାଇଛନ୍ତି । ସେପଟେ ରିସିକ୍ୟୁରିଟିର ଏଭଳି ସୂଚନା ପରେ ଆଶଂକା କରାଯାଇଛି ଯେ, ଆଇସିଏମଆର ଡାଟାବେସ୍ ହୁଏତ ଚୋରୀ ହୋଇଥାଇପାରେ । ୮୧.୫ କୋଟି ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟ ଡାର୍କୱେବରେ ବିକ୍ରି ପାଇଁ ଉପଲବ୍ଧ ରହିଥିଲା । ତେବେ ଏହି ଖବର ଆସିବା ପରେ କମ୍ପାନୀଗୁଡିକ ଦୃଢ ସୁରକ୍ଷା ରଣନୀତି ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ନେତ୍ରିକା କନସଲଟିଂର ପରିଚାଳନା ନିଦ୍ଦେଶକ ସଂଜୟ କୌଶିକ ପ୍ରକାଶ କରିଛନ୍ତି । ରିସିକ୍ୟୁରିଟିର ୱେବସାଇଟରେ ଯେଉଁ ସୂଚନା ରହିଛି, ତାହା ମୁତାବକ ଜଣେ ବ୍ୟକ୍ତି ଡାଟା ବେସ୍ ଫୋରମରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯେଉଁଥିରେ ୮୧.୫ କୋଟି ଭାରତୀୟଙ୍କ ତଥ୍ୟର ଆକ୍ସେସ ଦେବା ପାଇଁ ସେ କହିଛନ୍ତି । ଏହି ତଥ୍ୟ ଗୁଡିକ ମଧ୍ୟରେ ଭାରତୀୟ ନାଗରିକଙ୍କ ଆଧାର ଓ ପାସପୋର୍ଟ ତଥ୍ୟ ରହିଥିବା କୁହାଯାଇଛି । ଏନେଇ ଡାର୍କୱେବ୍ ସହ ରିସିକ୍ୟୁରିଟି ସଂପର୍କ କରିଥିଲା । ଏଥିରେ ହ୍ୟାକର କହିଛନ୍ତି କି ୮୦ ଜହାର ଆମେରିକୀୟ ଡଲାରରେ ସମସ୍ତ ତଥ୍ୟ ବିକ୍ରି କରିଦେବାକୁ ସେ ଆଗ୍ରହୀ ଅଛନ୍ତି ।

ମାହାଙ୍ଗା ଡବଲ ମର୍ଡର ମାମଲା

ହାଜର ହେଲେନି ବିଧାୟକ ପ୍ରତାପ ଜେନା

ମାହାଙ୍ଗା , ୩୧/୧୦ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ କୋର୍ଟଙ୍କ ସମନ ସତ୍ତ୍ୱେ ଆଜି ହାଜର ହେଲେନି ବିଧାୟକ ପ୍ରତାପ ଜେନା । ଅସୁସ୍ଥତା ହେତୁ ହାଜର ହୋଇ ପାରୁ ନ ଥିବା ବେଳେ ବ୍ୟକ୍ତିଗତ ହାଜର ହେବାରୁ ବି ବାଦ ଦେବାକୁ ସେ କୋର୍ଟଙ୍କ ନିକଟରେ ଗୁହାରି କରିଛନ୍ତି । ମାତ୍ର ଏହାକୁ କାଉଣ୍ଟର କରି ଅପରପକ୍ଷ ପ୍ରତାପ ଜେନାଙ୍କ ଏହି ଆବେଦନକୁ ଖାରଜ କରିବାକୁ ଆବେଦନ କରିଛନ୍ତି । ଆଜି ଅପରାହ୍ନ ୨ଟାରେ ସାଲେପୁର ଜେଏମଏଫସିରେ ଏହି ମାମଲାର ଶୁଣାଣି ହେବାକୁ ଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶନାମା କ'ଣ ଜାରି କରାଯିବ ତାହା ଉପରେ ସମସ୍ତଙ୍କ ନଜର । ବ୍ୟକ୍ତିଗତ ଭାବେ ଆଜି ହାଜର ହେବାକୁ ବିଧାୟକ ପ୍ରତାପ ଜେନାଙ୍କୁ ସାଲେପୁର ଜେଏମଏଫସିଙ୍କ ନୋଟିସ ସତ୍ତ୍ୱେ ସେ ଆଜି ହାଜର ହୋଇ ନ ଥିଲେ ।ମାତ୍ର ଆଇପିସି ୨୦୫ ଧାରାରେ ବ୍ୟକ୍ତିଗତ ହାଜିରାକୁ ବାଦ ଦେବାକୁ ନିଜ ଓକିଲଙ୍କ ଜରିଆରେ ସେ ଆବେଦନ କରିଛନ୍ତି । ନିଜ ଅସୁସ୍ଥତା ନେଇ କ୍ୟାପିଟାଲ ହସ୍ପିଟାଲର ସାର୍ଟିଫିକେଟ ଦେଇଛନ୍ତି । ଯେଉଁଥିରେ ଅସୁସ୍ଥତା ହେତୁ ଓକିଲଙ୍କ ଜରିଆରେ ହାଜର ହେବାକୁ କୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି ।

▶▶ପୃଷ୍ଠା ୭

୧୦ଟି ୨ ହଜାର ଟଙ୍କିଆ ନୋଟ୍ ବଦଳାଇ ଦେଲେ ମିଳୁଛି ମଜୁରି

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଦୁଇ ହଜାର ଟଙ୍କିଆ ନୋଟ୍ ବଦଳ ନିମନ୍ତେ ଆରବିଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି ଅସମ୍ଭବ ଭିଡ଼ । ହାତରେ ପୁଳା ପୁଳା ୨ ହଜାର ଟଙ୍କିଆ ନୋଟ୍ ଧରି ଖରାରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଛାଉ ନାହାନ୍ତି ଲୋକ । କାରଣ ୧୦ ଟି ୨ ହଜାର ଟଙ୍କିଆ ନୋଟ୍ ବଦଳାଇ ଦେଲେ ମିଳୁଛି ୩ ଶହ ଟଙ୍କା ମଜୁରି । ଟଙ୍କା ବଦଳ ପାଇଁ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିବା କିଛି ଲୋକ ଏପରି ସୂଚନା ଦେଇଛନ୍ତି । ତେବେ ଏହା ପଛରେ କିଏ ଅଛି, କିଏ ସେମାନଙ୍କ ହାତରେ ଟଙ୍କା ଧରାଇ ଦେଇ ଖରାରେ ଛିଡ଼ା କରାଉଛି ସେ ନେଇ ପାଟି ଫିଟାଉ ନାହାନ୍ତି । ଏହି ଘଟଣାକୁ ନେଇ ଜଇଓ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶକ କହିଛନ୍ତି, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ୨ ହଜାର ଟଙ୍କିଆ ନୋଟ ବଦଳ ଓ ଜମା ପାଇଁ ବ୍ୟବସ୍ଥା ଅଛି । ତେଣୁ ପ୍ରତିଦିନ ଏଠାକୁ ପାଖାପାଖି ୨ କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ ଆସୁଛି । ସେଥିରୁ ପ୍ରାୟ ୯୫ ଭାଗ ବଦଳ ହେଉଛି ଓ ମାତ୍ର ୫% ଜମା ହେଉଛି । ଗତକାଲି ୨ହଜାର ଟଙ୍କିଆ ନୋଟ୍ ବଦଳ କରିବା ପାଇଁ ଲମ୍ବା ଲାଇନ୍ ଲାଗିଥିବା ବେଳେ ଆଜି ବି ସମାନ ଚିତ୍ର ଦେଖିବାକୁ ମିଳିଛି । ତେଣୁ ଏବେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ

▶▶ପୃଷ୍ଠା ୭

ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା କର୍ମଚାରୀ ମଞ୍ଚର ମିଳିତ ସମାରୋହ

ବାରିପଦା, ୩୧/୧୦ (ନି.ପ୍ର): ସ୍ଥାନୀୟ ଶ୍ରୀମା ମହିଳା ମହାବିଦ୍ୟାଳୟ ସଭାକକ୍ଷ ଠାରେ ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷା କର୍ମଚାରୀ ମଞ୍ଚର ସଭାପତି ହିମାଂଶୁ ଶେଖର ଦାସଙ୍କ ପୌରହିତ୍ୟରେ ମଞ୍ଚର ଏକ ମିଳିତ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ମଞ୍ଚର ସାଧାରଣ ସମ୍ପାଦକ ଅଶୋକ କୁମାର ପଲେଇ ମଞ୍ଚର ଉଦ୍ଦେଶ୍ୟ ଏବଂ ପରବର୍ତ୍ତୀ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିବା ବେଳେ, ମଞ୍ଚର ସାଙ୍ଗଠାନିକ ଅଭିବୃଦ୍ଧି ଦିଗରେ ଉପ-ସଭାପତି ଭାଗବତ ପଣ୍ଡା, ସୁଦର୍ଶନ ପଣ୍ଡା ଓ ଜ୍ଞାନ ରଞ୍ଜନ ଦାଶ, ମିଡିଆ ସଂଯୋଜକ ବାସୁଦେବ ବେହେରା ପ୍ରମୁଖ ଆଲୋଚନା କରିଥିଲେ । ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ତଥା ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାର ଆଇନଗତ ଦିଗ ଉପରେ ଉପଦେଷ୍ଟା ଗଣେଶ ଚନ୍ଦ୍ର ପ୍ରଧାନ ଓ କୁଶ କିଶୋର ମହାନ୍ତି ଉପାଦେୟ ଦିଗଦର୍ଶନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ପ୍ରଧାନ, ଅଶ୍ୱନୀ କୁମାର ମହାପାତ୍ର ଏବଂ ପ୍ରଦୀପ କୁମାର ପାଣି ପ୍ରମୁଖ ସଂଗଠନକୁ ଦୃଢ କରିବା ଦିଗରେ ମତ ରଖିଥିଲେ । ଏହି ଅବସର ରେ ପ୍ରାକ୍ତନ ସଦସ୍ୟ କେଶବ ଚନ୍ଦ୍ର ସାହୁ, ଗଲୋକ ଚନ୍ଦ୍ର ଦାସ ଏବଂ ଶିରୀଶ ଚନ୍ଦ୍ର ବାରିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ସୁଶ୍ରୀ ଭାରତୀ ଦେବର୍ତ୍ତା ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ, ଅଜୟ କୁମାର ପାଳ, ପ୍ରଦୀପ କୁମାର ନାୟକ, ଅଶୋକ କୁମାର ପଲେଇ ସ୍ୱରଚିତ କବିତାପାଠ କରିଥିଲେ । ଶେଷରେ କୋଷାଧକ୍ଷ ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଲକାନଗିରି ମାନ ଅଧିକାର ଆଂଚଳିକ ଲୋକ ସଂଗଠନ ପକ୍ଷରୁ ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ

ମାଲକାନଗିରି, ୩୧/୧୦ (ନି.ପ୍ର): ମାଲକାନଗିରି ମାନ ଅଧିକାର ଆଂଚଳିକ ଲୋକ ସଂଗଠନର ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଆଜି ପ୍ରଦାନ କରାଯାଇଛି । ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଚାଷୀ ହାତରେ ନଡା ବିଡା ଓ ପ୍ଲା କାର୍ଡ ଧରି ସ୍ଥାନୀୟ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲେ । ଅକ୍ଟୋବର ମାସରେ ମାଲକାନଗିରି ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଅଣ ଜଳସେଚିତ ଅଂଚଳରେ ଧାନ ଫସଲ ନଷ୍ଟ ହୋଇଯାଇଛି । କୋରୁକୋଣ୍ଡା, ମାଲକାନଗିରି, କାଲିମେଳା ଓ ପଡ଼ିଆ ବ୍ଲକରେ ଆଂଶିକ ଜଳସେଚନ ଯୋଗୁଁ କିଛି ପରିମାଣରେ ଧାନ ଫସଲ ହୋଇଥିବା ବେଳେ ଅନ୍ୟାନ୍ୟ ଅଣଜଳସେଚିତ ଜମିରେ ମରୁଡି କାୟା ବିସ୍ତାର କରିଛି । କୃଷକମାନେ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାରୁ ଋଣ ଆଣି ଧାନ ଚାଷରେ ଅର୍ଥ ବିନିଯୋଗ କରିଥିଲା ବେଳେ ବର୍ତମାନ ଋଣ ପରିଶୋଧ କରିବା ସେମାନଙ୍କ ପକ୍ଷେ ସମ୍ଭବପର ନାହିଁ । ପିଲାମାନଙ୍କୁ ପାଠ ପଢ଼ାଇବା, ପରୀକ୍ଷା ଫର୍ମ ପୂରଣ କରିବା କଷ୍ଟକର ବ୍ୟାପାର ହୋଇ ପଡ଼ିଛି । ଚାଷୀମାନଙ୍କର ଅର୍ଥନୈତିକ ଦୂରାବସ୍ଥା ଯୋଗୁଁ ଏବେ ଜିଲ୍ଲାରେ ଦାଦନ ସମସ୍ୟା ଦେଖାଦେଇଛି । ଏହାର ପ୍ରତିକାର ପାଇଁ ମାନ ଅଧିକାର ଆଂଚଳିକ ଲୋକ ସଂଗଠନର ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଦାବି ଗୁଡ଼ିକ ହେଲା, ମାଲକାନଗିରି ଜିଲ୍ଲାକୁ ମରୁଡ଼ି ଘୋଷଣା କରାଯାଉ । ଧାନ କିଣ୍ଡାଲ ପିଛା ଏମ୍ ଏସ୍ ପି ୩୫୦୦ ଟଙ୍କା କରାଯାଉ । ଋଣ କରିଥିବା ଚାଷୀମାନଙ୍କ ଋଣ ଛାଡ କରାଯାଉ । ପ୍ରତି ଚାଷୀଙ୍କୁ ମାସିକ ୫୦୦୦ ଟଙ୍କା ମାସିକ ଭତା ପ୍ରଦାନ କରାଯାଉ । ଅଣ ଜଳସେଚିତ ଜମିରେ ଜଳସେଚନର ବ୍ୟବସ୍ଥା କରାଯାଉ । ମୁଖ୍ୟ କେନାଲ ସହ ସଂଯୋଗ କରୁଥିବା ଶାଖା କେନାଲଗୁଡିକୁ ମରାମତି କରାଯାଉ । ରବି ଫସଲ କରୁଥିବା ଶାଖା କେନାଲଗୁଡିକୁ ମରାମତି କରାଯାଉ । ରବି ଫସଲ ଲାଗି ଇଚ୍ଛୁକ ଚାଷୀମାନଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯାଉ । କୃଷି ପୋର୍ଟାଲରେ ପଂଚାୟତ ସେବାକେନ୍ଦ୍ର ଗୁଡ଼ିକରେ ବିନା ଶୁଳ୍କରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କରାଯାଉ । ମରୁଡି ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ନାମ ଲେଖା ଓ ପରୀକ୍ଷା ଫି ଛାଡ଼ କରାଯାଉ । ଜିଲ୍ଲା ପର୍ଯ୍ୟାପ୍ତ ପରିମାଣର କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉ । ମରୁଡି ପ୍ରପୀଡ଼ିତ ଚାଷୀମାନଙ୍କୁ କ୍ଷତି ପୁରଣ ପ୍ରଦାନ କରାଯାଉ । ଏହି ସଂଗଠନର ଅନ୍ୟାନ୍ୟ କର୍ମକର୍ତାମାନଙ୍କ ମଧ୍ୟରେ ଉପସଭାପତି ଶ୍ରୀମତୀ ସୁଲତା ପଡିଆମୀ, ସଧାରଣ ସଂପାଦକ ବୁଦ୍ରା କର୍ତାମୀ, ସଂଗଠନ ସଂପାଦକ ଭୀମସେନ ମାଡକାମୀ, କୋଷାଧକ୍ଷ ନନ୍ଦ କୁମାର ଆଜମିରା ପ୍ରମୁଖ ଉପସ୍ଥିତ ଥିଲେ ।

କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରେଇ, ୩୧/୧୦ (ନି.ପ୍ର): ପାଣିକୋଇଲି ପଂଚାୟତର ମିଶନ ଶକ୍ତି ଗୃହ ଠାରେ ନାବାର୍ଡ଼ ସହାୟତାରେ ଏକ କ୍ଷୁଦ୍ର ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ବ୍ଲକ ବାଲିପୋଖରୀ ଗ୍ରାମର ନେତାଜୀ ଯୁବକ ସଂଘ ଦ୍ୱାରା ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ନାବାର୍ଡ଼ର ଯାଜପୁର ଜିଲ୍ଲା ବିକାଶ ପ୍ରବନ୍ଧକ ସୁବ୍ରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଓଡ଼ିଶା ଗ୍ରାମ ବ୍ୟାଙ୍କ ପାଣିକୋଇଲି ଶାଖାର ପରିଚାଳକ ମନୋରଂଜନ ସେଠୀ, ଓଡ଼ିଶା ଜିବିକା ମିଶନର ବ୍ଲକ ସଂଯୋଜକ ରାମଚନ୍ଦ୍ର ବାରିକ, ନେତାଜୀ ଯୁବକ ସଂଘର ସମ୍ପାଦକ ବିଶମ୍ବର ସାହୁ, ସହ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, ତାଲିମଦାତା ପଦ୍ମଲୋଚନ ଦତ, କାର୍ଯ୍ୟକ୍ରମ ସଂଯୋଜକ ଅଦୈତ୍ୟ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପଂଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ଜଣ ମହିଳା ଯୋଗ ଦେଇ ଝୋଟ ବ୍ୟାଗ ଓ ଫୋଲଡ଼ର ତିଆରି ଉପରେ ତାଲିମ ଗ୍ରହଣ କରିଥିଲେ । ଏଥି ସହିତ ପ୍ରଧାନମନ୍ତ୍ରୀ କିଷାନ କ୍ରେଡ଼ିଟ କାର୍ଡ ସମ୍ବନ୍ଧରେ ମଧ୍ୟ ସଚେତନତା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପଂଚାୟତସ୍ତରୀୟ ନେତୃବୃନ୍ଦ ଓ ଏମବିକେ ପରିଚାଳନାରେ ସହଯୋଗ କରିଥିଲେ ।

ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି 'ଅଂଶୁପା': ହ୍ରାସ ପାଉଛି ଜଳ ଧାର, ଦଳ ସାଜିଛି ବିପଦ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଅଂଶୁପା ଦେଶର ଦ୍ୱିତୀୟ ବୃହତ୍ ମଧୁରଜଳ ହ୍ରଦ ଭାବେ ପରିଗଣିତ ହୁଏ । ୨୦୨୧ ଅକ୍ଟୋବର ୧୨ରେ ଏହାକୁ ରାମସାର ସ୍ଥଳୀ ମାନ୍ୟତା ମିଳିଛି, ଯାହାକି ଅନ୍ତର୍ଜାତୀୟ ସ୍ତରରେ ଗୁରୁତ୍ୱ ବହନ କରେ । ଯେଉଁଥିପାଇଁ ସବୁ ସମୟରେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ମାତ୍ର ଏହି ହ୍ରଦ ଏବେ ତାହାର ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି । ବିକାଶ ନାଁରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ହ୍ରଦର ପ୍ରାୟ ୯୦ ଏକର ଅଞ୍ଚଳ ଜବରଦଖଲକୁ ଚାଲିଗଲାଣି । ଦଳ ସଫେଇ କରିବାକୁ ପ୍ରତିବର୍ଷ ସ୍ୱତନ୍ତ୍ର ବଜେଟ୍ ହେଉଛି । ଅଥଚ କେମିତି ଦଳ ସଫା ହେଉଛି କେଜାଣି, କମିବା ବଦଳରେ ଦଳ ମାଡ଼ିବା ଦ୍ୱାରା ହ୍ରଦ ସଙ୍କୁଚିତ ହେବାରେ ଲାଗିଲାଣି । ଏହା ସହିତ ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ ହେଉଛି । ହ୍ରଦର ସଂରକ୍ଷଣ ଓ ପରିଚାଳନା ଦାୟିତ୍ୱ ନେଇଥିବା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଏହି ହ୍ରଦର ସୁରକ୍ଷା ନେଇ ଯେତିକି ତତ୍ପରତା ପ୍ରକାଶ କରିବା କଥା, ତାହା ମଧ୍ୟ ପରିଲକ୍ଷିତ ହେଉନାହିଁ । ଏହା ପର୍ଯ୍ୟଟନ ମାନଚିତ୍ରରୁ ହଜିଯିବା ଭଳି ଆଶଙ୍କା ସୃଷ୍ଟି ହେଲାଣି । ଅଂଶୁପାର ବିକାଶ ପାଇଁ କର୍ତ୍ତୃପକ୍ଷ ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ୧୦ କୋଟି ୧୪ ଲକ୍ଷ ୧୮ ହଜାର ଟଙ୍କା ଅନୁଦାନ ପାଇଛନ୍ତି । ଉକ୍ତ ଅନୁଦାନରେ ଅଂଶୁପା ହ୍ରଦର ସଂରକ୍ଷଣ ଓ ପରିଚାଳନା ଲାଗି ପଦକ୍ଷେପ ନିଆଯାଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ବିଧାନସଭାରେ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଅମାତ୍ ସ୍ପଷ୍ଟ କରିଛନ୍ତି ଯେ ହ୍ରଦରୁ ଦଳ ସଫେଇ, ମୃତ୍ତିକା ସଂରକ୍ଷଣ, ବର୍ଷାଜଳ ସଂରକ୍ଷଣ କାର୍ଯ୍ୟ, ଟ୍ରେଞ୍ଚ ଖନନ, ମତ୍ସ୍ୟ ସମ୍ପଦର ବିକାଶ ଓ ଆକଳନ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା, ଜଳଜ ଉଦ୍ଭିଦ, ହ୍ରଦର ମାଛ ଓ ପକ୍ଷୀମାନଙ୍କ ଉପରେ ସର୍ବେକ୍ଷଣ କରି ପୁସ୍ତକ ପ୍ରକାଶ କରାଯାଇଛି । ଏହାବ୍ୟତୀତ ପ୍ରକୃତି ଉଦ୍ୟାନର ଉନ୍ନତିକରଣ, ପାର୍କିଂ ବ୍ୟବସ୍ଥା, ପ୍ରାକୃତିକ ଚଲାପଥ ନିର୍ମାଣ, ଛୋଟ ପିଲାଙ୍କ ପାଇଁ ଖେଳିବା ଜାଗାର ବିକାଶ, ପ୍ରସ୍ତର ନିର୍ମିତ ଉଦ୍ୟାନ, ନୌବିହାରର ସୁବିଧା, ୨ଟି ନିରୀକ୍ଷଣ ଗମ୍ବୁଜର ନିର୍ମାଣ, ୩ଟି ଚଳ ଘରରେ ପ୍ରତୀକ୍ଷାଳୟ ନିର୍ମାଣ, ଅଂଶୁପା ହ୍ରଦର ପକ୍ଷୀ ଓ ଜଳଜୀବ ଗଣନା କାର୍ଯ୍ୟକ୍ରମ ହେଉଛି । ଅଂଶୁପା ହ୍ରଦରୁ ଅହେତୁକ ଜଳଜ ଉଦ୍ଭିଦ(ଦଳ)କୁ ଉଭୟ ଲୋକଙ୍କ ଦ୍ୱାରା ଓ ଯାନ୍ତ୍ରିକ ଉପାୟରେ ସଫା କରାଯାଇ ଉକ୍ତ ଦଳରୁ ଖତ ତିଆରି

କରାଯାଉଛି । ୨୩୧ ହେକ୍ଟର ଅଞ୍ଚଳରେ ଥିବା ଏହି ହ୍ରଦର ଭବିଷ୍ୟତ ଉନ୍ନତିକରଣ ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ 'ଅମୃତ ଧରୋହର' କାର୍ଯ୍ୟକ୍ରମ ଅନ୍ତର୍ଗତ ୭ କୋଟି ୧୮ ଲକ୍ଷ ଟଙ୍କାର ଅନୁଦାନ ପାଇଁ ପ୍ରସ୍ତାବ ଦିଆଯାଇଛି । ଯେଉଁଥିରେ ପ୍ରଜାତି ଓ ପ୍ରାକୃତିକ ବାସସ୍ଥାନର ସଂରକ୍ଷଣ, ପ୍ରକୃତି ପର୍ଯ୍ୟଟନ, ଆର୍ଦ୍ରଭୂମି ଜୀବିକା, ଆର୍ଦ୍ରଭୂମି ଅଙ୍ଗାରକ ପରି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି । ସୂଚନା ଅନୁଯାୟୀ ପ୍ରତିବର୍ଷ ଅଂଶୁପାକୁ ଦଳମୁକ୍ତ କରିବାକୁ ଯୋଜନା ହେଉଥିଲେ ମଧ୍ୟ ଅଧାରେ କାମ ଅଟକି ଯାଉଛି । ଏହା ଦଳମୁକ୍ତ ହେବା ବଦଳରେ ଅଧିକ ମାଡ଼ିଚାଲିଛି । ୨୦୦୫ରେ ଦଶମ ଅର୍ଥ କମିସନ ଅନୁଦାନରେ ୬କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ବୋଟିଂ ବ୍ୟବସ୍ଥା ହୋଇଥିଲା । ହେଲେ ଏବେ ନାଁକୁ ମାତ୍ର ବୋଟିଂ ଚାଲିଛି ।

ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୩୧/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ଉପରେ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ଏଥିରେ ବ୍ୟକ୍ତିଗତ ଦରଖାସ୍ତ ୪୨ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୦ ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି । ୨୦ ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଶିବିରରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଦୁଇଟି ଯୋଗ୍ୟ ଭିନ୍ନକ୍ଷମ ଦମ୍ପତିଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ବିବାହ ପ୍ରୋତ୍ସାହନ ସ୍ୱରୂପ ଦୁଇ ଲକ୍ଷ ପଚାଶ ହଜାର ଲେଖାଏଁ ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉଲୁଣ୍ଡା ବିଡିଓ କରିଶ୍ମା ବେଶ୍ରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନି ମେହେର, ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି , ଅତିରିକ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଦୈତ୍ୟ ନାରାୟଣ ପାଢ଼ୀ , ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ,ତହସିଲଦାର ଉଲୁଣ୍ଡା ଦିଲ୍ଲିପ ମାଝି ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

ମରୁଡ଼ି ଘୋଷଣା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ: କାର୍ଯ୍ୟାଳୟକୁ ଧାନଗଛ ଫିଙ୍ଗିଲେ ଚାଷୀ

ମାଲକାନଗିରି, ୩୧/୧୦ (ନି.ପ୍ର): ପାଣି ଅଭାବରୁ ମାଟି ଆଁ କରିଛି । ଧାନଗଛରେ ରୋଗପୋକ ଲାଗି ନଷ୍ଟ ହେଲାଣି । କୃଷି ବିଭାଗ ଅଧିକାରୀଙ୍କୁ ଜଣାଇଲେ ଶୁଣୁ ନାହାନ୍ତି । ଏମିତି ସ୍ଥିତିରେ ଋଣ ଶୁଝିବା ଚିନ୍ତାରେ ମାଲକାନଗିରି ଜିଲ୍ଲା ଚାଷୀ ଅଛନ୍ତି । ଶେଷରେ ବିସ୍ଫୋରକ ରୂପ ନେଇଥିବା ବେଳେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶହ ଶହ ଚାଷୀ । ମରୁଡ଼ି ଘୋଷଣା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାନଗଛ ଫୋପାଡ଼ି ପ୍ରତିବାଦ ଜଣାଇଛନ୍ତି । ମାଲକାନଗିରି ଜିଲ୍ଲା ନବନିର୍ମାଣ କୃଷକ ସଂଗଠନ ଓ ମାନ ଅଧିକାର ସଂଗଠନ ତରଫରୁ ଜିଲ୍ଲା ସଭାପତି ଏରା ପଡିଆମୀଙ୍କ ନେତୃତ୍ୱରେ ଶହ ଶହ ଚାଷୀ ସ୍ଥାନୀୟ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ପୁଲିସ କାର୍ଯ୍ୟାଳୟ ଭିତରକୁ ନଛାଡ଼ିବାରୁ ଚାଷୀମାନେ ଧାରଣାରେ ବସିଥିଲେ । ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହସଂଯୋଜକ ଓ ମୋ ଦଳ ରାଜ୍ୟ ସାଧାରଣ ସମ୍ପାଦକ ଉମାକାନ୍ତ ଭାରତ ଯୋଗଦେଇ ଚାଷୀଙ୍କ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଭାରତରେ ଓଡ଼ିଶା କୃଷକ ୨୭ନମ୍ବର ସ୍ଥାନରେ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ୧ ନମ୍ବରରେ ରହିଛନ୍ତି । ଯାହାକୁ ଚାଷୀ ନେତା ସମାଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ମାଲକାନଗିରି ଜିଲ୍ଲାକୁ ମରୁଡ଼ି ଘୋଷଣା କରିବା, ଧାନ କ୍ୱିଣ୍ଟାଲ ପିଛା ୩୫୦୦ଟଙ୍କା ପ୍ରଦାନ, ଚାଷୀଙ୍କ ଋଣ ଛାଡ଼, ପ୍ରତି ଚାଷୀଙ୍କୁ ମାସିକ ଭତ୍ତା ୫ହଜାର, ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ଓ ଶାଖା କେନାଲଗୁଡ଼ିକୁ ମରାମତି କରିବା ସହ ଅନ୍ୟାନ୍ୟ ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଧାରଣାରୁ ଉଠିବା ପରେ ଚାଷୀ ଧରି ଆସିଥିବା ଧାନଗଛ କାର୍ଯ୍ୟାଳୟ ଉପରକୁ ଫୋପାଡ଼ିଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନରେ ଗୋପାଳ ମଣ୍ଡଳ, ଜୟଦେବ ବାଛାଡ଼, ବୁଦ୍ରା କାର୍ତାମୀ, ଜଗା ମାଡ଼କାମି, ମୁକା ପଡିଆମି ଓ ସୀତାରାମ ଦୁବା ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଖୋର୍ଦ୍ଧାର ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ୧୦ କୋଟି

ଖୋର୍ଦ୍ଧା, ୩୧/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟକୁ ୧୦ କୋଟିରୁ ଊର୍

ସମସ୍ୟା ଅଛି ତ ସମାଧାନ ଅଛି

ସବୁ ସମସ୍ୟାର ସମାଧାନ ଅଛି: ସାଧାରଣତଃ ଆମ ମନରେ ଧାରଣା ଥାଏ ଯେ ସବୁ ସମସ୍ୟାର ସମାଧାନ ମିଳିବା କଷ୍ଟ, ଯାହା ଆମେ କରିପାରିବା ନାହିଁ। କିନ୍ତୁ ସବୁ ସମସ୍ୟାର ସମାଧାନ ରହିଛି। ଧୈର୍ଯ୍ୟର ସହିତ ସୃଜନାତ୍ମକ ଭାବନାକୁ ପାଥେୟ କରି ଆଗେଇ ଚାଲିଲେ ଏସବୁ ସମ୍ଭବ। ସମସ୍ୟାଟି ଆସିଲେ ଭାଙ୍ଗି ପଡ଼ିବା ପରିବର୍ତେ ଧୈର୍ଯ୍ୟର ସହିତ ସୃଜନଶୀଳ ଭାବେ ଚିନ୍ତା କରିବା ଆବଶ୍ୟକ।

ଅନ୍ଧାର ଭିତରେ ଆଲୁଅଟିଏ ସୃଷ୍ଟି କରିବା ସୃଜନାତ୍ମକ ଭାବନାର ପ୍ରତିଫଳନ। ନିଜ ଭିତରେ ଥିବା ସମସ୍ତ ପ୍ରକାରର ଦକ୍ଷତାର ସକାରାତ୍ମକ ବ୍ୟବହାର ଦ୍ୱାରା ଏହାର ବାଟ ମିଳିଥାଏ। ପ୍ରତ୍ୟେକ ଘଟଣାର ଦୁଇଟି ଦିଗ ଥାଏ, ଯଥା-ସକାରାତ୍ମକ ଓ ନକାରାତ୍ମକ। ଯଦି ଉଭୟ ଦିଗରୁ ବିଚାର କରି ତଥ୍ୟ ସଂଗ୍ରହ କରିବା ତେବେ ସମାଧାନର ପହଞ୍ଚିପାରିବା। ଅନେକ ସମୟରେ ଅତି ଶୀଘ୍ର ସମାଧାନ କରିବାକୁ ଚାହିଁ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ସବୁ ଘଟଣା ଘଟିବାର ଏକ ନିର୍ଦ୍ଦିଷ୍ଟ ସମୟଥାଏ। ତେଣୁ ନିଜ ଉପରେ ବିଶ୍ୱାସ ରଖି ଚେଷ୍ଟା ଜାରି ରଖିବାକୁ ହେବେ।

ଗଠନମୂଳକ ଅସନ୍ତୋଷ: ଅଧିକାଂଶ ଲୋକ ଅଳ୍ପକେ ସନ୍ତୁଷ୍ଟ ହୋଇଯାନ୍ତି। କାମଟି ହୋଇଗଲେ ଆତ୍ମସନ୍ତୋଷ ସହ ମାନସିକ ସ୍ତରରେ ହାଲକା ହୋଇଯାନ୍ତି। ଏହି ମନୋଭାବ ଆମକୁ ସଫଳତାର ଶିଖରରେ ପହଂଚିବାକୁ ଦିଏନା। ସାଧାରଣତଃ କୌଣସି କାମରୁ ସଫଳତା ହାସଲକରି ଯଦି ପ୍ରଶଂସା ଏବଂ ପୁରସ୍କାର ମିଳିଯାଏ, ସେତେବେଳେ ଆମେ ଭୁଲିଯାଉ କାମଟି ଆହୁରି ଉନ୍ନତି ଭାବରେ ହୋଇପାରିଥାନ୍ତା। ସଫଳତା ପରେ ମଧ୍ୟ ଆହୁରି ଉନ୍ନତି ପାଇଁ ଯଦି ନିଜ ଭିତରେ ଗଠନମୂଳକ ଅସନ୍ତୋଷ ସୃଷ୍ଟି କରିପାରିବା, ତେବେ ସୃଜନାତ୍ମକ ଭାବନାର ଆହୁରି ଅଧିକ ସଦ୍ ବ୍ୟବହାର ହୋଇପାରିବ।

ଆଦିମକାଳଳରୁ ମଣିଷ ଭିତରେ ଗଠନମୂଳକ ଅସନ୍ତୋଷଟି ରହିଆସିଛି। ସଫଳତା ପରେ ବି ଆତ୍ମସନ୍ତୋଷ ନହୋଇ ନୂଆ କରିବାର ଉତ୍କଣ୍ଠା ସୃଷ୍ଟି କରିପାରିଛି। ସେଥିପାଇଁ ତ ଆମ ଚାରିପଟେ ନୂଆ ସାମଗ୍ରୀ ଦେଖିବାକୁ ମିଳୁଛି, ଯାହା ସୃଜନାତ୍ମକ ଭାବନାର ଫଳାଫଳ। ଗଠନମୂଳକ ଅସନ୍ତୋଷ ଭାବ ମଣିଷକୁ ନୂଆ ସୃଷ୍ଟି କରିବା ପାଇଁ ପ୍ରେରଣା ଦେଇତାଏ। ଏହା ବୁଝିପାରିଲେ ହିଁ ସଫଳ ହେବା ସମ୍ଭବ।

ନୂତନତ୍ୱର ସ୍ୱପ୍ନ: ସମସ୍ତେ ସ୍ୱପ୍ନ ଦେଖନ୍ତି। ଆଉ ସ୍ୱପ୍ନ ଦେଖିବା ବି ଉଚିତ। କିନ୍ତୁ ସ୍ୱପ୍ନକୁ ସାକାର କରିବା ପାଇଁ ଯେଉଁ ଦକ୍ଷତା ଓ ଦୃଢ଼ ଇଚ୍ଛାଶକ୍ତି ଦରକାର ତାହାର ଅଭାବ ପ୍ରାୟ ଲୋକଙ୍କ ଠାରେ ଦେଖାଯାଏ। କାରଣ କଠିନ ପରିଶ୍ରମ, ନିଷ୍ଠାପର ମନୋଭାବ, ଧୈର୍ଯ୍ୟ, ବାଧାବିଘ୍ନକୁ ସମ୍ମୁଖୀନ ହେବାକୁ ଆମେ ପ୍ରସ୍ତୁତ ନଥାଉ। ତେଣୁ ଅନେକଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଏ। ଯେତେ ଦକ୍ଷତା ଥାଉ, ଯଦି ମନରେ କିଛି ନୂଆ କରିବାର ସ୍ୱପ୍ନ ସୃଷ୍ଟି ନହେବ ତେବେ ଆମେ କେବେ ବି ଆଗେଇ ପାରିବାନି। ଜଣେ ନିଜେ ନ ଚାହିଁଲେ ଅନ୍ୟ କେହି ତା ମନରେ ନୂଆ କରିବାର ଭାବନାର ସୃଷ୍ଟି କରିପାରିବା ନାହିଁ। ପ୍ରତ୍ୟେକ ଦିନ ଆମପାଇଁ ନୂଆ। ଏହି ଭାବନା ରଖି ଆମେ ପ୍ରତ୍ୟେକ ଦିନ କିଛି ନା କିଛି ନୂଆ ଭାବିପାରିବା। ନୂଆ ଲକ୍ଷ୍ୟ, ଭାବନା, ଅନୁଭବ,ନୂଆ ପ୍ରକାରର ବାଧାବିଘ୍ନ, ଅନିଶ୍ଚିତତା, ଆହ୍ୱାନକୁ ସମ୍ମୁଖୀନ କରିବା ଅର୍ଥ କିଛି ନା କିଛି ଭୁଲ ହେବା ନିଶ୍ଚିତ। ମାତ୍ର ଏଥିରେଭାଙ୍ଗି ନପଡ଼ି ନୂଆ ସ୍ୱପ୍ନ ଦେଖିବାର ଅଭ୍ୟାସ କରିବାକୁ ହେବ। ତେବେ ନୂଆ ଭାବନା ଓ ଉପାୟ ଆପେ ଆସିଯିବ।

କର୍ମରେ ପ୍ରୟୋଗ: ସୃଜନାତ୍ମକ ଭାବନା ଦ୍ୱାରା ମନରେ ଯେଉଁସବୁ ଉପାୟ ବାହାରିବ, ସେଗୁଡ଼ିକୁ ତୁରନ୍ତ କର୍ମରେ ପ୍ରୟୋଗ କରିବାକୁ ହେବ। ଅଧିକାଂଶ ଲୋକ ସୃଜନଶୀଳ ଦକ୍ଷତାର ବ୍ୟବହାର କରି ଅନେକ କିଛି ନୂଆ ଭାବନା ସୃଷ୍ଟି କରିଥାନ୍ତି। କିନ୍ତୁ କର୍ମରେ ପରିଣତ କରନ୍ତି ନାହିଁ। ଫଳରେ ସଫଳତା ମିଳିବା ପରିବର୍ତେ ହତାଶା ଭାବ ସୃଷ୍ଟି ହୋଇଥାଏ। ତେଣୁ ମନରେ କିଛି ସୃଜନଶୀଳ ଭାବନା ଆସିଲେ ତାହାକୁ କାମରେ ପ୍ରୟୋଗ କରିବା ଆବଶ୍ୟକ ଏବଂ ଫଳାଫଳକୁ ସମୀକ୍ଷା କରି ତାର ଗତିପଥ ପରିବର୍ତନ କରିବା ଆବଶ୍ୟକ।

ସୃଜନାତ୍ମକ ଭାବନାର ଠିକ ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ଉପାୟମାନ ଆମେ ଆଲୋଚନାକଲୁ। ଏଗୁଡ଼ିକୁ ଧ୍ୟାନରସ ହିତ ପଢ଼ି ନିଷ୍ଠାର ସହିତ କାମରେ ପ୍ରୟୋଗ କଲେ ନିଶ୍ଚିତ ଭାବରେ ସଫଳତା ପାଇବା ସହିତ ଆତ୍ମସନ୍ତୋଷ ପାଇପାରିବା।

ଫୁଲ ଚିତ୍ରିତ ଗାଁ

ଶତାବ୍ଦୀର ଶେଷ ଆଡ଼କୁ ଆରମ୍ଭ କରାଯାଇଥିଲା। ପେଂଟ୍ କରୁଥିବା ମହିଳାମାନେ ଘରେ ପ୍ରସ୍ତୁତ ହୋଇଥିବା ଏକ ବ୍ରସର ବ୍ୟବହାର କରିଥାନ୍ତି। ଏଥିପାଇଁ ପ୍ରଥମେ ପୁରୁଣା କାନ୍ଥକୁ ନୂଆ ରୂପ ଦେଇଥାନ୍ତି ଏବଂ ଏହାପରେ କାନ୍ଥରେ ଫୁଲର ଡିଜାଇନ୍ କରିଥାନ୍ତି। ଏହି ବ୍ରସ୍ ବାର୍ଚ୍ଚ ଗଛର ଡାଳ, ଗାଈ ଏବଂ ଘୋଡ଼ାର ଲାଞ୍ଜରେ ଥିବା କେଶରୁ ପ୍ରସ୍ତୁତ କରାଯାଇଥାଏ। ବିନ୍ଦୁ ବିନ୍ଦୁ ଲାଇନରେ ବୃତାକାର କରି କାନ୍ଥରେ ରେଡ୍ ପପିଜ୍ ଫୁଲ, ପିଙ୍କ୍ ଗୋଲାପ ଏବଂ ହଳଦିଆ ଡାଇସିସ୍ ଫୁଲରେ ଡିଜାଇନ କରିଥାନ୍ତି। ଏହି ପରମ୍ପରାକୁ ପିଢ଼ି ପରେ ପିଢ଼ି କରିଥାନ୍ତି। ବସନ୍ତ ଋତୁ ଆସିଲେ ଗାଁରେ ଏହି ପାରମ୍ପରିକ ପେଂଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ।

ପୋଲାଣ୍ଡର ଜାଲିପାଏ ଏକ ଛୋଟ ଗାଁ। ଗାଁର ମୁଖ୍ୟ ଆକର୍ଷଣ କିନ୍ତୁ ଏହାର ଘଣ। ଘର ଗୁଡ଼ିକୁସୁନ୍ଦର ଭାବେ ପେଂଟ୍ କରାଯାଇଛି। କେବଳ ରଙ୍ଗରନୁହଁ କାନ୍ଥ ଗୁଡ଼ିକ ପାରମ୍ପରିକ ଫୁଲରେ ଡିଜାଇନ କରାଯାଇଥାଏ। ୭୦ବର୍ଷର ଦାନୁଟା ଡାଏମନ ଯିଏକି ଏହି ପାରମ୍ପରିକ ପଦ୍ଧତିକୁ ଆପଣାଇଛନ୍ତି। କିନ୍ତୁ ସେ ଏହି କାମକୁ ଏକୁଟିଆ କରନ୍ତି ନାହିଁ। ଜାଲିପାଏ ଗାଁର ମହିଳା ଏବଂ ବେଳେବେଳେ ପୁରୁଷମାନେ ମଧ୍ୟ ଏଭଳି ପେଂଟ କରିଥାନ୍ତି। ଘରର ବାହାର ଏବଂ ଭିତରକୁ ପାରମ୍ପରିକ ଫୁଲରେ ଡେକୋରେଟ୍ କରାଯାଇଥାଏ। ଘରର ଛାତ, ପରଦା, ତକିଆ, କେଟିଲ୍, କାଠ ଚାମଚ ଏମିତିକି ଟଏଲେଟକୁ ମଧ୍ୟ ପାରମ୍ପରିକ ପଦ୍ଧତିରେ ପେଣ୍ଟ୍ କରାଯାଇଥାଏ। ଏହି ପରମ୍ପରା ଉନବିଂଶ

ଏଥିପାଇଁ ଲୋକମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥାଏ। ଏହି ଫୁଲର ଗାଁକୁ ଦେଖିବା ପାଇଁ ବିଭିନ୍ନ ଦେଶରୁ ବର୍ଷକୁ ୨୫,୦୦୦ ପର୍ଯ୍ୟଟକ ଆସିଥାନ୍ତି।

ଚିର ଯୌବନ ପାଇଁ ଔଷଧ

ଲଣ୍ଡନ : ବୃଦ୍ଧାବସ୍ଥାଠାରୁ ସର୍ବଦା ଦୂରେଇ ରହିବାକୁ କିଏ ବା ନଚାହେଁ। ମାତ୍ର ପ୍ରତ୍ୟେକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିବ, ଏହା କ'ଣ ସମ୍ଭବ ? ଆଜିର ବୈଜ୍ଞାନିକ ଯୁଗରେ ଅସମ୍ଭବ ବୋଲି କିଛି ମନେ ହୁଏ ନାହିଁ। ମଣିଷମାନେ ସର୍ବଦା ଯୁବାବସ୍ଥାରେ ରହିପାରିବେ ବୋଲି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ରୋନାଲ୍ଡ ଡି ପିନୋ ଦାବି କରିଛନ୍ତି। ରୋନାଲ୍ଡ ଓ ତାଙ୍କ ସହଯୋଗୀମାନେ ଯଥାଶୀଘ୍ର ମଣିଷମାନଙ୍କ ପାଇଁ ଏଥିନିମନ୍ତେ ଔଷଧ ପ୍ରସ୍ତୁତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହା ପୂର୍ବରୁ ସେମାନେ ମୂଷାମାନଙ୍କଠାରେ ଏହି ଔଷଧକୁ ପରୀକ୍ଷା କରି ସଫଳ ହୋଇଛନ୍ତି। ୮୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଚର୍ମ, ମସ୍ତିଷ୍କ ଏବଂ ଅନ୍ୟାନ୍ୟ ଇନ୍ଦ୍ରିୟଗୁଡିକ ଯେପରି ଅବସ୍ଥାରେ ଥାଏ ଏହି ଔଷଧ ଦୁଇମାସ ସେବନ କରିବା ପରେ ସେମାନଙ୍କ ବୟସରେ ନିଶ୍ଚିୟ ପରିବର୍ତନ ଘଟିବ ଏବଂ ସେମାନେ ନିଜକୁ ପୂର୍ବାପେକ୍ଷା ଅଧିକ କ୍ରିୟାଶୀଳ ମନେ କରିବେ ବୋଲି ରୋନାଲ୍ଡ ମତ ଦେଇଛନ୍ତି। ମୂଷାମାନଙ୍କ ଉପରେ ଏହାର ପରୀକ୍ଷା କରିବା ସମୟରେ ଗବେଷକମାନେ ଜାଣିବାକୁ ପାଇଥିଲେ ଯେ, ସେମାନଙ୍କ ଶରୀରରେଥିବା କେତେକ ମୁଖ୍ୟ ଏନ୍‌ଜାଇମ୍ ଓ କ୍ରୋମାଜମ୍ ଉପରେ ଏହି ଔଷଧ ବିଶେଷଭାବରେ ପ୍ରଭାବ ପକାଇଥିଲା। ବୟସ ବୃଦ୍ଧି ଯୋଗୁ ଏହି ଏନ୍‌ଜାଇମ୍ ଓ କ୍ରୋମାଜମ୍ ନଷ୍ଟ ହେବାରୁ ହିଁ ଔଷଧ ରକ୍ଷା କରିଥିଲା। ଫଳରେ ଶରୀରରେ ଅନେକ ନୂତନ କୋଷ ସୃଷ୍ଟି ହୋଇଥିଲା। ଏପରିକି ବୃଦ୍ଧ ପୁରୁଷ ମୂଷାମାନେ ପ୍ରତି ମୁହୂର୍ତରେ ପ୍ରଜନନକ୍ଷମ ହୋଇପାରିଥିଲେ ବୋଲି ଗବେଷଣାରୁ ଜଣାପଡିଥିଲା। ତେଣୁ ମନୁଷ୍ୟମାନଙ୍କ କ୍ଷେତ୍ରରେ ଏପରି ସମ୍ଭବ ବୋଲି ବୈଜ୍ଞାନିକମାନେ ଗବେଷଣା ପରେ ମତବ୍ୟକ୍ତ କରିଛନ୍ତି। ଏହି ଔଷଧ ମନୁଷ୍ୟମାନଙ୍କୁ ଦୀର୍ଘ ଜୀବନ ଲାଭ କରିବାରେ ସହାୟକ ହେବ ଏବଂ ସେମାନଙ୍କୁ ସୁସ୍ଥ ଓ ରୋଗମୁକ୍ତ ରଖିବପାରିବ ବୋଲି ରୋନାଲ୍ଡ କହିଛନ୍ତି।

ଚର୍ମ କର୍କଟକୁ ଭଲ କରିବ ଟମାଟୋ

ଯଦି ଜଣେ ବ୍ୟକ୍ତି ନିୟମିତ ଟମାଟୋ ଖାଏ, ତାହାହେଲେ ସେ ଚର୍ମ କର୍କଟ ରୋଗରେ ଶିକାର ହେବାର ଆଶଙ୍କା ହ୍ରାସ ପାଇଥାଏ। ସେହିପରି ଯଦି ଚର୍ମ କର୍କଟ ରୋଗର ଶିକାର ହୋଇଥିବା ବ୍ୟକ୍ତି ପ୍ରତିଦିନ ଟମାଟୋ ଖାଇବ, ତାହାହେଲେ ତା'ଦେହରେ ଟ୍ୟୁମରଗୁଡ଼ିକର ଆକାର ହ୍ରାସ ପାଇବ। ଟମାଟୋର ରଙ୍ଗ ନାଲି କରୁଥିବା ଏକ ଉପାଦାନ ଯୋଗୁ ଏପରି ସମ୍ଭବ ହୋଇଥାଏ। ଆମେରିକାର ଓହିଓ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ମତ ଦେଇଛନ୍ତି। ସେମାନେ କହିଛନ୍ତି ଯେ ଟମାଟୋରେ କ୍ୟାରଟିନଏଡ୍ ନାମକ ଏକ ଉପାଦାନ ଥାଏ, ଯାହାଯୋଗୁ ତା'ର ରଙ୍ଗ ଲାଲ ହୋଇଥାଏ। ଏହି ଉପାଦାନର ସୂର୍ଯ୍ୟ ଠାରୁ ଆସୁଥିବା ଅଲଟ୍ରାଭାଓଲେଟ୍ ରଶ୍ମି ସହିତ ଲଢ଼ିବାର ସାମର୍ଥ୍ୟ ଥାଏ। ଏହା ଉକ୍ତ ରଶ୍ମିର କ୍ଷତିକାରକ ପ୍ରଭାବରୁ ଦେହକୁ ରକ୍ଷା କରିଥାଏ। ସେଇ ରଶ୍ମି ପ୍ରଭାବ ଯୋଗୁ ଚର୍ମ କର୍କଟ ରୋଗ ହୋଇଥାଏ। ତେଣୁ ଟମାଟୋ ଖାଇଲେ ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ। ବୈଜ୍ଞାନିକମାନେ ଏବେ କିଛି ମୂଷାଙ୍କ ଉପରେ ଗବେଷରା କରି ଏହି ତଥ୍ୟ ଆବିଷ୍କାର କରିଛନ୍ତି। ତେବେ କେବଳ ଅଣ୍ଡିରା ମୂଷାଙ୍କ ଦେହରେ ଏ ପ୍ରକାର ପ୍ରୟୋଗ ସିଫଳ ହୋଇଛି। ମାତ୍ର ମାଈ ମୂଷାଙ୍କ ଉପରେ ଟମାଟୋ ପାଉଡ଼ର ଖାଇବାର କିଛି ପ୍ରଭାବ ପଡ଼ିନଥିଲା। ଏହାକୁ ଆଧାର କରି ଗବେଷକମାନେ କହିଛନ୍ତି ଯେ ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ପୁରୁରଷ ଓ ମହିଳାଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରିବାକୁ ପଡ଼ିପାରେ।

ଓଡ଼ିଆଓ ଓଡ଼ିଆଓ ଓଡ଼ିଓ ଓଡ଼ିଓ

ଜାପାନର ଏକ କ୍ୟାମେରା ନିର୍ମାତା କମ୍ପାନୀ କୋନିକା ମିନଲୋଟା ଏବେ ଏଭଳି ଏକ ଉପକଣର ବଜାରକୁ ଛାଡ଼ିଛି ମଣିଷ ଦେହରୁ ବାହାରୁଥିବା ଗନ୍ଧକୁ ବାରିପାରିବ ଏବଂ ତାକୁ ଆଲର୍ଟ କରିପାରିବ। ଏହି ଉପକରଣର ନାମ ହେଉଚି 'କୁନକୁନ ବଡ଼ି'। ଜାପାନୀ ଭାଷାରେ କୁନ୍ ଶବ୍ଦର ଅର୍ଥ ହେଉଛି ଶୁଂଘି ଚିହ୍ନଟ କରିବା। ପକେଟରେ ରଖାଯାଇପାରୁଥିବା ଏହି ଉପକରଣରେ ଏଭଳି ସେନ୍ସର ଲାଗିଛି ଯାହାକି ମରିଷ ଦେଦହରେ ଗନ୍ଧ ସୃଷ୍ଟି କରୁଥିବା ରସାୟନିକ ପଦାର୍ଥକୁ ଚିହ୍ନଟ କରିଥାଏ ଏବଂ ତାହାର ବିଶ୍ଳେଷଣ କରିଥାଏ।



କେଉଁମାନଙ୍କୁ ଜାମୁକୋଳି ଖାଇବା ମନା

ବର୍ଷାଦିନ ଆରମ୍ଭ ହେବା ସହ ଜାମୁକୋଳି ଗାଁ ଗହଳିରେ ଭରପୁର ପରିମାଣରେ ମିଳେ । ଏହି ରସାଳ ଫଳରେ ଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର। ଆୟୁର୍ବେଦ ଅନୁଯାୟୀ, ଏହା ଅନେକ ରୋଗର ମହୌଷଧି ବୋଲି କୁହାଯାଏ। ଅନ୍ୟପକ୍ଷରେ ମାତ୍ରାଧିକ ଜାମୁକୋଳି ଖାଇବା ଦ୍ୱାରା ସ୍ୱାସ୍ଥ୍ୟହାନି ହୋଇଥାଏ। ତେବେ କେଉଁ ରୋଗୀ ଜାମୁକୋଳି ଖାଇବା ଉଚିତ ନୁହେଁ ଏବଂ ଏହାର ମାତ୍ରାଧିକ ସେବନ ଦ୍ୱାରା କ'ଣ ସବୁ ରୋଗ ହୋଇଥାଏ, ଆସନ୍ତୁ ଜାଣିବା। ଅଧିକ ଜାମୁକୋଳି ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧିବା ସମସ୍ୟା ଉତ୍ପନ୍ନ ହୁଏ। ତେଣୁ ଯେଉଁମାନେ ଏଥେରୋସ୍କୋଲେରୋସିସ୍ ରୋଗରେ ଆକ୍ରାନ୍ତ, ସେମାନେ ଆଦୌ ଜାମୁକୋଳି ଖାଆନ୍ତୁ ନାହିଁ। ଜାମୁକୋଳି ରକ୍ତଚାପକୁ ନିୟନ୍ତ୍ରଣ କରେ, ତେଣୁ ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ସେବନ କରିଥାନ୍ତି। ଉଚ୍ଚ ରକ୍ତଚାପ ରୋଗୀ ଅଧିକ ମାତ୍ରାରେ ଜାମୁକୋଳି ଖାଇବା ଦ୍ୱାରା ସେମାନେ ନିମ୍ନ ରକ୍ତଚାପରେ ଆକ୍ରାନ୍ତ ହୋଇପାରନ୍ତି। ଜାମୁକୋଳିରେ ଭିଟାମିନ୍ ସି'ର ପରିମାଣ ଭରପୂର ଥିବାରୁ, ଏହାର ଅଧିକ ସେବନ ଦ୍ୱାରା ପାଚନ ଶକ୍ତିରେ ସମସ୍ୟା ଦେଖାଦିଏ। ଏଥିଯୋଗୁ ଗ୍ୟାସ୍ ଓ କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଅତ୍ୟଧିକ ଜାମୁକୋଳି ଖାଇଲେ ବ୍ରଣ ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏହି ସମସ୍ୟାରେ ପୀଡ଼ିତ ବ୍ୟକ୍ତି କମ୍ ପରିମାଣରେ ଏହାକୁ ଖାଇପାରିବେ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟ...

ଇସ୍ରାଏଲ ଏହାର ସୁଦକ୍ଷ ସେନାବାହିନୀ, ଇନ୍‌ଫାଣ୍ଟି ଏବଂ ଟ୍ୟାଙ୍କ୍‌ଗୁଡ଼ିକୁ ଗାଜା ପଟିକୁ ପଠାଇ ସାରିଛି ଏବଂ ଉତ୍ତର ଗାଜାରେ ଶନିବାର ରାତିଠାରୁ ଭୟଙ୍କର ଯୁଦ୍ଧ ଆରମ୍ଭ କରି ସାରିଥିବା ବେଳେ ଏହି ସୀମା, ନିର୍ଦ୍ଦିଷ୍ଟ ଭାବରେ ଗାଜା ନଗରୀ ଜଳପଥ ଏବଂ ଆକାଶ ମାର୍ଗ ଦ୍ୱାରା ଧ୍ୱସ୍ତ ବିଧ୍ୱସ୍ତ ହେବା ଭଳି ସଂଗ୍ରାମର ସମ୍ମୁଖୀନ ହୋଇଛି । ଅକ୍ଟୋବର ୭ ତାରିଖରେ ଦକ୍ଷିଣ ଇସ୍ରାଏଲ ଉପରେ ହାମାସ୍‌ର ଅତ୍ୟନ୍ତ ଅମାନବୀୟ ଆତଙ୍କବାଦୀ ଆକ୍ରମଣ ପରେ ଏହାର ନିଜର ସ୍ଥିତିଗତ ସଂକଟ ଭାବରେ ବିବେଚନା କରି ଏକ ସମର-ସଦୃଶ ବିପଦର ଆଶଙ୍କାରେ ଇସ୍ରାଏଲ ହାମାସ୍ ବିରୁଦ୍ଧରେ ଏହାର ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟ ରୂପେ ସ୍ଥଳଭାଗର ଯୁଦ୍ଧ କରିବା ସମ୍ପୂର୍ଣ୍ଣ ଯଥାର୍ଥ ବୋଲି ଦର୍ଶାଇଛି । ବିଶ୍ୱର ଅଧିକାଂଶ ରାଷ୍ଟ୍ର ଗାଜା ନଗରୀ ଉପରେ ଇସ୍ରାଏଲୀ ଆକାଶ ମାର୍ଗ, ଜଳ ପଥ ଏବଂ ସ୍ଥଳ ପଥର ଆକ୍ରମଣକୁ ଏକ ଅସମାନୁପାତିକ ପ୍ରତିକ୍ରିୟା ଭାବରେ ଦେଖି ପାରନ୍ତି, ଯେମିତି କହିଛନ୍ତି ଚଳିତ ସପ୍ତାହର ପ୍ରାରମ୍ଭିକ ଭାଗରେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗଟେରେସ୍ ଯେ ଅକ୍ଟୋବର ୭ ତାରିଖରେ ହାମାସ୍‌ର ଆକ୍ରମଣ ଏମିତି ଖାଲିଟାରେ ହୋଇ ନଥିଲା । ଏଭଳି କହି ଶ୍ରୀଯୁକ୍ତ ଗଟେରେସ୍ ଇସ୍ରାଏଲର ଗାଜା ପଟି ଦଖଲ କରିବା ତଥା ଦଶନ୍ଧି ଦଶନ୍ଧି ଧରି ପାଲେଷ୍ଟିନୀୟମାନଙ୍କ ବିରୁଦ୍ଧରେ ପକ୍ଷପାତ ନୀତି ଅବଲମ୍ବନ କରିବା କଥା ସମ୍ପର୍କରେ ସୂଚନା ଦେଇଥିଲେ । ଆଉ ଏହାପରେ ଇସ୍ରାଏଲ ତାଙ୍କ ଉପରେ ଅଭିଯୋଗ ଉଠାଇଛି ଯେ ଜାତିସଂଘର ମହାସଚିବ ହାମାସ୍‌ର ଆକ୍ରମଣକୁ ଯଥାର୍ଥ ଦର୍ଶାଇବାକୁ ଉଦ୍ୟମ କରିଛନ୍ତି, ଯେତେବେଳେ କି ସେ ନିଜେ ଏହାର ନିନ୍ଦା କରିଛନ୍ତି । ତେଣୁ ଏହିଭଳି ଭାବରେ ଅନ୍ୟାନ୍ୟ ଦେଶମାନେ ମଧ୍ୟ ଇସ୍ରାଏଲର ଗାଜା ଉପରେ ଆକ୍ରମଣକୁ ଭାବୁଥାଇ ପାରନ୍ତି । କିନ୍ତୁ ଇସ୍ରାଏଲ ସ୍ପଷ୍ଟ ଭାବରେ ଏଭଳି ଶିଷ୍ଟାଚାରପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରିବାକୁ ଯାଉନାହିଁ । ଜାତିସଂଘ ତତ୍କାଳ ଯୁଦ୍ଧ ବନ୍ଦ ପାଇଁ ଏକ ପ୍ରସ୍ତାବକୁ ପାରିତ କରି ଦୃଶ୍ୟର ଗୋଟିଏ ପାର୍ଶ୍ୱକୁ ଅଣଦେଖା କରିବା ଭଳି ମନେ ହୋଇଛି, ଯେହେତୁ ଏହି ପ୍ରସ୍ତାବରେ ହାମାସ୍ ଇସ୍ରାଏଲର ୧୪୦୦ରୁ ଅଧିକ ସଂଖ୍ୟକ ଲୋକଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବରେ ହତ୍ୟା କରିଥିବା, ଏପରିକି ଏହି ଲୋକମାନଙ୍କ ମଧ୍ୟରୁ କେତେକଙ୍କ ସହିତ ଦୁଷ୍କର୍ମ କରିବା, ବରିଷ୍ଠ ଲୋକମାନଙ୍କ ମସ୍ତକ ଛେଦନ କରିବା, ନିରୀହ ଶିଶୁ ଓ ମହିଳାମାନଙ୍କୁ ହତ୍ୟା କରିଥିବା ସମ୍ପର୍କରେ କିଛି ହେଲେ ଉଲ୍ଲେଖ କରାଯାଇ ନାହିଁ । ଭାରତ ଯଦିଓ ହାମାସ୍ ଏବଂ ଇସ୍ରାଏଲ ମଧ୍ୟରେ ସଂଘର୍ଷର ଆନୁଷଙ୍ଗିକ କ୍ଷତି ଭାବରେ ସାଧାରଣ ପାଲେଷ୍ଟିନୀୟମାନଙ୍କୁ କଷ୍ଟ ଯନ୍ତ୍ରଣାରୁ ରକ୍ଷା କରିବା ନିମନ୍ତେ ତତ୍କାଳ ଯୁଦ୍ଧ ବିରତି ପାଇଁ ଯେ କୌଣସି ଆହ୍ୱାନକୁ ମାନବୀୟ ଦୃଷ୍ଟିକୋଣରୁ ସମର୍ଥନ କରୁଛି, ତେବେ ଜାତିସଂଘରେ ଏଥିପାଇଁ ପ୍ରସ୍ତାବ ପାରିତ ହେବା ନିମନ୍ତେ ହୋଇଥିବା ଭୋଟ୍‌ରୁ ଏହା ବିରତ ରହିବାକୁ ପସନ୍ଦ କରିଛି । ଆତଙ୍କବାଦ ଏବଂ ଏହା ଜରିଆରେ ଅମାନବୀୟ ହିଂସାକାଣ୍ଡ ଘଟାଇବାକୁ କୌଣସିମତେ ଯଥାର୍ଥ ବୋଲି କୁହାଯାଇ ପାରିବ ନାହିଁ, ଠିକ୍ ଯେମିତି କୁହାଯାଇ ପାରିବ ନାହିଁ କୌଣସି ରାଷ୍ଟ୍ର ଉପରେ ପୂର୍ଣ୍ଣ ମାତ୍ରାର ଆକ୍ରମଣ କରାଯିବାକୁ, ଯଦିଓ ଏହାର ସରକାର ମଧ୍ୟ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥାଏ ଏବଂ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖୁଥାଏ- ଯାହା କରୁଛି ହାମାସ୍ ଗାଜା ପଟିରେ ୨୦୦୬ରେ ସରକାର ଚଳାଇବା ପରଠାରୁ । ମଧ୍ୟପ୍ରାଚ୍ୟରେ ହିଂସାର ଇତିହାସ ଯାହା ଦୀର୍ଘ ୭୫ ବର୍ଷ ପୂର୍ବର ବୋଲି କୁହାଯାଇଛି, ଶାନ୍ତି ପ୍ରତିଷ୍ଠା କରିବାର ଏକ ଯୁକ୍ତି ଭାବରେ କ୍ୱଚିତ୍ ତା'ର ଉଦାହରଣ ଦିଆଯାଇ ପାରିବ । ବ୍ରିଟିଶମାନେ ଏହି ସ୍ଥାନ ଛାଡ଼ିଯିବା ପରେ ଏବଂ ଇସ୍ରାଏଲ ଏଥୁରୁ ଅଲଗା କରି ପ୍ରତିଷ୍ଠା କରାଯିବାର ବହୁ ପୂର୍ବରୁ ଶାନ୍ତିର ଦୂତ ଭାବରେ ପରିଚିତ ମହାତ୍ମା ଗାନ୍ଧୀଙ୍କ ବାଣୀ ପ୍ରାଚ୍ୟ ଜଗତରେ ଅନୁରଣିତ ହୋଇଥିଲା କହି ଭାରତର ଭୋଟ୍ ଦାନରୁ ବିରତ ରହିବାକୁ ପରୋକ୍ଷରେ ସମାଲୋଚନା କରାଯିବା କଦାଚିତ୍ ଠିକ୍ କୁହାଯାଇ ପାରିବ । ସାମ୍ପ୍ରତିକ ଅବସ୍ଥାରେ ଇସ୍ରାଏଲ ହାମାସ୍‌ର ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ ନ କରି ଯୁଦ୍ଧ ବନ୍ଦ କରିବା ପ୍ରତୀୟମାନ ହେଉନାହିଁ । ଆତଙ୍କବାଦ ବିରୁଦ୍ଧରେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହେଉଥିବା ନେଇ କେତେକ ରାଷ୍ଟ୍ର ଦର୍ଶାଉଥିବା ଯୁକ୍ତିକୁ ଇସ୍ରାଏଲ ବର୍ତ୍ତମାନ ପଛରେ ଛାଡ଼ି ଆସିଛି ଏବଂ ଏହା 'ଗାଜା ମେଟ୍ରୋ' ଭାବରେ ପରିଚିତ ଏକ ଭୂତଳ ନଗରୀକୁ ଏବଂ ଏହାର ସରକାର, ଯାହା ଆନ୍ତର୍ଜାତିକ ଉତ୍ସଗୁଡ଼ିକରୁ ପାଣ୍ଠି ପାଉଛି, ତାକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱସ୍ତବିଧ୍ୱସ୍ତ ନ କରିବା ପର୍ଯ୍ୟନ୍ତ ଯୁଦ୍ଧରୁ ବିରତ ହେବା ମନେହେଉ ନାହିଁ । ଇସ୍ରାଏଲର ବୋମା ମାଡ଼ରେ ଯେତିକି ଗାଜା ଅଧିବାସୀ ନିହତ ହେଉଛନ୍ତି, ଯାହାକୁ ଦୈନନ୍ଦିନ ଭିତ୍ତିରେ ହାମାସ୍‌ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଉଛି, ତାକୁ ହୁଏତ ସମ୍ପୂର୍ଣ୍ଣ ସତ୍ୟ ଭାବରେ ଗ୍ରହଣ କରାଯାଇ ନପାରେ । କିନ୍ତୁ ଏକ ଭୟଙ୍କର ସତ୍ୟ ହେଉଛି, ଯେତିକି ମୃତ୍ୟୁବରଣ କରୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ହେଉଛନ୍ତି ବୟସାଧିକ୍ୟ ଲୋକ, ମହିଳା ଏବଂ ଶିଶୁ । ଏହାକୁ ସଭ୍ୟତାର ଏକ ଆହ୍ୱାନ ଭାବରେ ବିବେଚନା କରାଯାଇପାରେ, ଯେହେତୁ ଉଭୟ ପକ୍ଷ ନିରୀହ ସାଧାରଣ ଲୋକଙ୍କ ଜୀବନକୁ ଶେଷ କରୁଛନ୍ତି। ଅତଏବ, ଏଭଳି ଏକ ଯୁଦ୍ଧର ପରିସମାପ୍ତି କେବଳ ଉଭୟ ପକ୍ଷଙ୍କ ସଚେତନତା ଦ୍ୱାରା ହିଁ ସମ୍ଭବ ହୋଇ ପାରିବ ।

ପୁରୀ ଯାତ୍ରୀ ଅଣପଞ୍ଜିକୃତ ହବିଷ୍ୟାଳିଙ୍କ ପାଇଁ ସୁବନ୍ଦୋବସ୍ତ ହେବା ଜରୁରୀ

ପ୍ରଦୋଷ କୁମାର ଦାସ

ଶ୍ରୀ ମନ୍ଦିର ପରିସରରେ ଭିଡ ପରିଚାଳନା ଓ ଶୃଙ୍ଖଳିତ ଦର୍ଶନ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପରିଚାଳନା ସହିତ ଜନ ସ୍ୱାସ୍ଥ୍ୟ ଓ ପରିମଳ ସହିତ ଜଳଯୋଗାଣ ବ୍ୟବସ୍ଥା, ଜରୁରୀକାଳୀନ ପରିସ୍ଥିତି, ନିରାପତ୍ତା ରକ୍ଷା, ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପାଇଁ ରାଜ୍ୟ ସରକାର ଜାଗ ତୟାର ରହି ଆବଶ୍ୟକ ବନ୍ଦୋବସ୍ତ କରିବା ଜରୁରୀ।

ଚଳିତ ବର୍ଷ କାର୍ତ୍ତିକ ବ୍ରତ ପାଳନ ଆରମ୍ଭ ହେବାକୁ ଯାଉଅଛି। ଏବେ ଶ୍ରୀକ୍ଷେତ୍ରରେ ତତୋଧିକ ଚଳଚଞ୍ଚଳତା ଓ ଭିଡ଼ ପରିଲକ୍ଷିତ ହେଲାଣି। ସରକାରୀ ଯୋଜନାରେ ନିଶୁଳ୍କ ପୁରୀ ରହଣୀ ଓ ବ୍ରତ ପାଳନ ନିମନ୍ତେ ସରକାରଙ୍କ ପକ୍ଷରୁ ପୁରୀରେ ହ୍ୱିଷ୍ୟାଳିଙ୍କ ପାଇଁ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ବ୍ୟବସ୍ଥା ହୋଇଥିଲା। ଏଥି ପାଇଁ ସରକାର ସ୍ୱତନ୍ତ୍ର ୱେ ସାଇଟ୍ ଖୋଲି ଆଗୁଆ ବିଧି ମୁତାବକ ଚଳିତ ମାସ ଅକ୍ଟୋବର ୩ ତାରିଖରୁ ୨୦ ତାରିଖ ମଧ୍ୟରେ ଅନଲାଇନ ଆବେଦନ ନିମନ୍ତେ ସୂଚନା ଦେଇଥିଲେ। ତେବେ ମଝିରେ ଆକସ୍ମିକ ଚଳିତ ମାସ ଅକ୍ଟୋବର ୧୦ ତାରିଖରୁ ଉକ୍ତ ୱେବସାଇଟ ବନ୍ଦ କରିଦିଆଯିବାରୁ ସରକାରୀ ଯୋଜନାରେ ପଞ୍ଜିକରଣ କରିବା ପାଇଁ ହବିଷ୍ୟାଳିଙ୍କ ପକ୍ଷରୁ ନିରାଶ ହେବାକୁ ପଡ଼ିଛି। ପଚାରିଲେ ଆବଶ୍ୟକ ଥଇଥାନ ରହଣି ସୁବିଧା ମୁତାବକ ଆବଶ୍ୟକ ସଂଖ୍ୟାରେ ହବିଷ୍ୟାଳିଙ୍କ ପଞ୍ଜିକରଣ କରାଯାଇଥିବା ସୂଚନା ରୁ ପ୍ରକାଶ।

ସୂଚନାଯୋଗ୍ୟ, କାର୍ତ୍ତିକ ବ୍ରତ ପାଳନ ଅବସରରେ ହବିଷ୍ୟାଳିଙ୍କୁ ଥଇଥାନ ପାଇଁ ସରକାରୀ ସ୍ତରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀରେ ବ୍ୟବସ୍ଥା ହୋଇଥିବା ୫ଟି ରହଣୀ ସ୍ଥଳରେ ମୋଟ ପଞ୍ଜିକୃତ ୩୦୨୪ ଜଣ ହବିଷ୍ୟାଳିଙ୍କ ପାଇଁ ବନ୍ଦୋବସ୍ତ ହୋଇଥିବା ପ୍ରକାଶ। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଜିକୃତ କାର୍ତ୍ତିକ ବ୍ରତଧାରୀ ହବିଷ୍ୟାଳିଙ୍କ ପାଇଁ ରହିବା, ଖାଇବା, ଆଦି ପାଇଁ ନିଶୁଳ୍କ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରହଣୀ ପାଇଁ ବୃନ୍ଦାବତୀ ନିବାସ, ବାଗେଡିଆ ଧର୍ମ ଶାଳା, ବଗଲା ଧର୍ମଶାଳା, ଅକ୍ଷୟ ପାତ୍ର ଫାଉଣ୍ଡେସନ ତଥା ମୋଚି ସାହି ସ୍ଥିତ ପୌ।ର କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ଅଣପଞ୍ଜିକୃତ ରାଜ୍ୟର କୋଣ ଅନୁକୋଣରୁ ଆହୁରି ହଜାର ହଜାର ହବିଷ୍ୟାଳି କ୍ରମେ ପୁରୀରେ ପହଞ୍ଚିବା ଥୟ। କାରଣ ଆଶ୍ୱିନ ମାସର ପୂର୍ଣ୍ଣିମା ପୂର୍ବରୁ ଆଶଙ୍କିତ ଭିଡ ଓ ସ୍ଥାନାଭାବକୁ ବିଚାରି ହବିଷ୍ୟାଳି ଓ ସେମାନଙ୍କ ପରିବାର ପରିଜନଙ୍କ ସହିତ ଆଗୁଆ ପୁରୀରେ ଭିଡ଼ ଜମାଉଥିବା ସାଧାରଣ ରେ ପରିଲକ୍ଷିତ ହେଉଛି । ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହଜାର ହଜାର ହ୍ୱିଷ୍ୟାଳି ସ୍ଥାନୀୟ ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହେବା ସୁନିଶ୍ଚିତ। ଶ୍ରୀମନ୍ଦିର ପରିସରରେ ଭିଡ ପରିଚାଳନା ଓ ଶୃଙ୍ଖଳିତ ଦର୍ଶନ, ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପରିଚାଳନା ସହିତ ଜନ ସ୍ୱାସ୍ଥ୍ୟ ଓ ପରିମଳ ସହିତ ଜଳଯୋଗାଣ ବ୍ୟବସ୍ଥା, ଜରୁରୀକାଳୀନ ପରିସ୍ଥିତି, ନିରାପତ୍ତା ରକ୍ଷା, ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ପାଇଁ ରାଜ୍ୟ ସରକାର ଜାଗ ତୟାର ରହି ଆବଶ୍ୟକ ବନ୍ଦୋବସ୍ତ କରିବା ଜରୁରୀ। ଏଥିପାଇଁ ରାଜ୍ୟ ସରକାରଙ୍କ ସହ ଆବଶ୍ୟକ ସମନ୍ୱୟ ରକ୍ଷା କରି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁବନ୍ଦୋବସ୍ତ ହେବା ମଧ୍ୟ ଜରୁରୀ।

ଶ୍ରୀ କ୍ଷେତ୍ର ମଣି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୁରୀ ବଡ଼ଦାଣ୍ଡରେ ଏଇ କାର୍ତ୍ତିକ ବ୍ରତ ମାସକ ଯାକ ଭକ୍ତ ଶ୍ରଦ୍ଧାଳୁ ଆବାଳ ବୃଦ୍ଧବନିତାଙ୍କ ସହିତ ସମ୍ବଖ୍ୟାଧିକ ହ୍ୱିଷ୍ୟାଳିଙ୍କ ପୁରୀ ରହଣୀ କାଳୀନ ପ୍ରବଳ ଗହଳଚହଳ ଲାଗିରହିବ। କାର୍ତ୍ତିକ ବ୍ରତ ପାଳନ ଅବସରରେ ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ବୟସ ବର୍ଗର ମାଆମାନେ ଗୃହ କୋଣରୁ ବାହାରି ଆସି ପୁରୀ କୁ ଏହି ବ୍ରତ ପାଳନ ର ଶେଷ ଆଶ୍ରା ଭାବି ନେଇ ଶ୍ରୀ କ୍ଷେତ୍ରରେ ହବିଷ ପାଳନ, ରାଇ ଦାମୋଦର ବ୍ରତ ଓ ପଞ୍ଚୁକ ଓଷା ପାଳନ କରି ଆପଣା ଜୀବନକୁ ଧନ୍ୟ କରିବାରେ ବିହ୍ୱଳିତ ହୋଇଥାନ୍ତି।

ଏହାକୁ ଦୃଷ୍ଟିରେ ରଖି ପୁରୀରେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଉଭୟ ଜନସ୍ୱାସ୍ଥ୍ୟ ବିଭାଗ ଓ ସୂଚନା ବିଭାଗ ତରଫରୁ ଏକ ଡିଜିଟାଲ (ଅନଲାଇନ ଉପଲବ୍ଧ ହେବା ଭଳି) ପରିଚୟପତ୍ର ଜାରି କରିବା ନିହାତି ଜରୁରୀ। ବିଶେଷ କରି ସର୍ବ ସାଧାରଣ ଓ ଦୂରରେ ରହିଥିବା ପରିବାର ପରିଜନଙ୍କ ଗୋଚରାର୍ଥେ ପୁରୀରେ କାର୍ତ୍ତିକ ମାସକ ରହଣିକାଳୀନ ଆବଶ୍ୟକ ଠିକଣା ଆଦିର ବିବରଣ ଅନଲାଇନ ଅପଲୋଡ଼ ଉପଲବ୍ଧ ହେବା ଜରୁରୀ। ହ୍ୱିଷ୍ୟାଳିଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ ଓ ସେମାନଙ୍କ ଠିକଣା ଚିହ୍ନଟ ନିମନ୍ତେ ଏହାକୁ ବ୍ୟବହାର କରାଯାଇପାରେ। ଏପରି ହୋଇପାରିଲେ, ଶତାଧିକ ସମ୍ବଖ୍ୟାରେ ପୁରୀରେ ଭିଡ ଜମାଉଥିବା ଅଣପଞ୍ଜିକୃତ ହବିଷ୍ୟାଳିଙ୍କୁ ମାନବୀୟ ସହଯୋଗ ଓ ସହାୟତା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ପ୍ରଶାସନକୁ ସହଜ ସାଧ ହୋଇପାରନ୍ତା। ସରକାରୀ ଯୋଜନାରେ ମାଗଣା ସୁବିଧା ନହେଲା ନାହିଁ, ଘର ଛାଡ଼ି କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ଦୂରଦୂରାନ୍ତରରୁ ଶ୍ରୀ କ୍ଷେତ୍ରକୁ ଧାଇଁ ଆସିଥିବା ଅଣପଞ୍ଜିକୃତ ହ୍ୱିଷ୍ୟାଳିଙ୍କ ସୁରକ୍ଷା ନିମନ୍ତେ ଏହା ମଧ୍ୟ ଏକ ପ୍ରକାର ବରଦାନ ସାବ୍ୟସ୍ତ ହୋଇପାରନ୍ତା। ଏତଦବ୍ୟତୀତ ସରକାରୀ ସ୍ତରରେ ପ୍ରତିବର୍ଷ କାର୍ତ୍ତିକ ବ୍ରତ ଧାରୀଙ୍କ ପାଇଁ ନିଶୁଳ୍କ ସେବା ପ୍ରଦାନ ନିମନ୍ତେ ଅନଲାଇନ ପଞ୍ଜିକରଣ କରାଯିବା ଉପରେ ଏକ ନିରପେକ୍ଷ ପଦକ୍ଷେପ ଓ ନିୟମ ପ୍ରଣୟନର ଆବଶ୍ୟକତା ରହିଛି। ସରକାରୀ ଯୋଜନାରେ ପଞ୍ଜିକରଣ ନିମନ୍ତେ ନିରନ୍ତର ସରକାରୀ ସ୍ତରରେ ଉପରୋକ୍ତ ସୁବିଧା ହାସଲ କରି ଆସୁଥିବା ହ୍ୱିଷ୍ୟାଳିଙ୍କୁ ଏକାଧିକ ପାଳିକୁ ଏଡାଇ ପ୍ରତି ବର୍ଷ ନୂଆ ନୁଆ ହବିଷ୍ୟାଳି ଆବେଦନକାରିଣୀ / ଆବେଦନରୁ ବଞ୍ଚିତ/ ବିଧବା/ ସୁସ୍ଥ ବୟୋଜ୍ୟେଷ୍ଠା ଆଶାୟୀ,/ ଦୂରଦୂରାନ୍ତର ଆଶାୟୀ ହବିଷ୍ୟାଳିଙ୍କୁ ଆବଶ୍ୟକ ଅନୁପାତରେ ଅଗ୍ରାଧିକାର ଭିତ୍ତିରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯିବା ବିଧେୟ।

ସର୍ବ ଶେଷରେ ଜଗତର ନାଥ ଜଗନ୍ନାଥ ସବୁଠାରେ ବିଦ୍ୟମାନ। ମାନସିକ ଶାରୀରିକ ଯନ୍ତ୍ରଣା ସିକ୍ତ ହବିଷ୍ୟାଳିଙ୍କୁ ମୋର ଏତିକି ବିନମ୍ର ନିବେଦନ, ନାନା ମାନସିକ, ଶାରୀରିକ ଯନ୍ତ୍ରଣା ଲଭି ଘରପରିବାରଠାରୁ ମାସକ ଯାକ ଦୂରେଇ ରହି ତଥା ନିଜ ଗାଁରେ ପୂଜିତ ଜଗାଠାକୁରଙ୍କୁ ଆଡ ଆଖି କରି କେବଳ ପୁରୀରେ କାର୍ତ୍ତିକ ବ୍ରତ ପାଳନ ପାଇଁ ବିଶେଷ ଭାବପ୍ରବଣ ହେବା ହୁଏତ ବିଜ୍ଞତାର ପରିଚାୟକ ନୁହେଁ। ଆଧ୍ୟାତ୍ମିକ ଚିନ୍ତନରେ ସର୍ବାନ୍ତର୍ଯ୍ୟାମୀ ଜଗତର ନାଥ ଶ୍ରୀ ଜଗନ୍ନାଥ ସବୁଠାରେ ବିଦ୍ୟମାନ। ଗାଁ ମନ୍ଦିର ଗାଁ ଠାକୁରଙ୍କ ପାଖରେ ପାଳିଏ ଅନ୍ତତଃ କାର୍ତ୍ତିକ ବ୍ରତ ପାଳନ କରି ଆପଣା ଘରେ ନିଜର ଅସୁସ୍ଥ ଶରୀରକୁ ବିଶ୍ରାମ ଦେଲେ ଭଲ ହୁଅନ୍ତା। ଭାବ ବିନୋଦିଆଙ୍କୁ ହୃଦୟେ ବାନ୍ଧିଲେ, ଭାବରେ ଚରାଚର ହେବେ ତୁମରି ଠାକୁର । ଜୟ ଜୟ ଶ୍ରୀ ଜଗନ୍ନାଥ ସ୍ୱାମୀ ।

ସା/ପୋ:- ନାତୁଣୀ
ଜିଲ୍ଲା:- ଖୋର୍ଦ୍ଧା,୭୫୨୦୩୪
ମୋ: ୬୩୭୦୪୯୫୯୪୪

ସଫଳ ସଂଗୀତକାର ସ୍ୱରୂପ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ନାଟ୍ୟ ସାରଥି ଅଭୟ କୁମାର ଦାସ

ନାଟ୍ୟ ସାରଥି ଅଭୟ କୁମାର ଦାସ

ଏଥର ନିଜର ସ୍ୱରୂପକୁ ଫେରିଥିଲେ ସ୍ୱରୂପ ନାୟକ। ଆଧୁନିକ ଗୀତ ଏବଂ ଦଶହରା ଗୀତ ଲେଖି ସେ ଚର୍ଚ୍ଚା ସାଉଁଟିଥିଲେ। ଲେ ଲବିନା ଟିକେ ଆଗକୁ ଅନା....., ବାବାରେ ଆଲୁଅ...., ମାରିଦେଲି ଖପରାକାତି...., ଚାଲିଲା ଗାଡ଼ି ବାଦାମବାଡ଼ି...., ବାଟି ଛାଡ ବାଟ ଛାଡ଼ ଆସୁଛି ଦଶରା ବଜାର ମେଢ଼.... ଭଳି ଲୋକପ୍ରିୟ ଗୀତର ସ୍ରଷ୍ଟା ଥିଲେ ସେ।

ଲୋକପ୍ରିୟତା ଅର୍ଜନ କରିଥିଲେ, ନିପୁଣ ଅଭିନେତା ଭାବେ ମଧ୍ୟ ତାଙ୍କର ସେତିକି ସୁଖ୍ୟାତି ରହିଥିଲା। ଆକାଶବାଣୀରୁ ମଞ୍ଚ ନାଟକ, ସଚେତନତାଧର୍ମୀ ସରକାରୀ କାର୍ଯ୍ୟକ୍ରମ ଓ ବିଜ୍ଞାପନ ଯାଏ ପ୍ରତିଟି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରମାଣିତ କରିଥିଲେ ସ୍ୱରୂପ। ଯେତେବେଳେ ତାଙ୍କୁ ସାତ ବର୍ଷ ବୟସ ହୋଇଥିଲା ସେ ମଞ୍ଚ ନାଟକରେ ଅଭିନୟ କରିଥିଲେ। ପରେ ଜୟଦେବ ଚଳଚ୍ଚିତ୍ରରେ ଅଭିନୟ କରି ବଡ଼ ପରଦାରେ ନିଜ କଳା ପ୍ରଦର୍ଶନ କରିଥିଲେ। ଏହି ସମୟରେ ଆକାଶବାଣୀରେ ଶିଶୁ ସଂସାର କାର୍ଯ୍ୟକ୍ରମରେ ସେ ଭାଗ ନେବା ସହ ଲକ୍ଷ୍ମୀ ଚଳଚ୍ଚିତ୍ରରେ ଏକ ଦୃଷ୍ଟିହୀନ ଭୂମିକାରେ 'ଆରତ ସୁରେ ବାରେ କରେ ମିନତିରେ...' ଗୀତରେ ଅଭିନୟ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସ୍ତ୍ରୀ ଚଳଚ୍ଚିତ୍ରରେ ବିଜୁଳି ଚରିତ୍ରରେ ଅଭିନୟ କରି କଳିଯୁଗ କୃଷ୍ଣ ମୁହିଁ... ଗୀତରେ ସୁଜାତାଙ୍କ ସହିତ ଅଭିନୟ କରିଥିଲେ। ଏହି ଗୀତଟି ମଧ୍ୟ ସେ ନିଜେ ଲେଖିଥିଲେ। ପରୁ ପର 'ସଂସାର' ଚଳଚ୍ଚିତ୍ରରେ ଅଭିନୟ କଲେ ଏବଂ ଏହି ଚଳଚ୍ଚିତ୍ରରେ ଗୀତ ମଧ୍ୟ ଲେଖିଥିଲେ। ତେବେ ଏହି ଚଳଚ୍ଚିତ୍ର ପରେ ହଠାତ୍ ଚଳଚ୍ଚିତ୍ର ଦୁନିଆରୁ ଦୂରେଇ ରହିଲେ ସ୍ୱରୂପ ନାୟକ। ଦୀର୍ଘ ଆଠ ବର୍ଷ ପରେ ଶିଶିର ମିଶ୍ରଙ୍କ ନିର୍ଦ୍ଦେଶିତ 'ସୁନା ସଂସାର' ଚଳଚ୍ଚିତ୍ରରେ ଅଭିନୟ କରି ସ୍ୱରୂପ ନାୟକ ଚଳଚ୍ଚିତ୍ର ଜଗତକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ପୁଣି କିଛି ଦିନ ଚଳଚ୍ଚିତ୍ର ଦୁନିଆରୁ ନିଜକୁ ଦୂରେଇ ନେଇଥିଲେ। କଣ୍ଟ୍ରାକ୍ଟି ପାଲଟିଥିଲା ତାଙ୍କ ନୂଆ ପେସା। କିନ୍ତୁ ସେଥିରେ ବେଶି ଦିନ ନରହି ମିଟର ବୋର୍ଡ଼ ସପ୍ଲାଏ କରିଥିଲେ। କିନ୍ତୁ କଳାର ମାୟାଜାଲ ତାଙ୍କୁ ବେଶୀ ଦିନ ଦୂରେଇ ରଖି ପାରିନଥିଲା। ଏଥର ନିଜର ସ୍ୱରୂପକୁ ଫେରିଥିଲେ ସ୍ୱରୂପ ନାୟକ। ଆଧୁନିକ ଗୀତ ଏବଂ ଦଶହରା ଗୀତ

ମିତ୍ର ଫସଲର ଉପକାରିତା

ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପରି ଗଛ ମଧ୍ୟ ନିଜର ବନ୍ଧୁ ବାଛିଥାଏ। ଅର୍ଥାତ୍ କେତେକ ପ୍ରକାର ଗଛ ସାଥିରେ ରହିଲେ ଗଛ ଭଲ ବଢ଼ିପାରନ୍ତି। ଏହାକୁ ଗଛର ମିତ୍ର ଫସଲ ବା ସାଥି ଫସଲ ବୋଲି କୁହାଯାଏ। ସ୍ୱଳ୍ପ ଖର୍ଚ୍ଚରେ ରୋଗପୋକ ପରିଚାଳନା, ଏକା ଥରେ ଦୁଇ ବା ତତୋଧିକ ଫସଲ ଅମଳ ତଥା ଜମିରେ ପୋଷକ ତତ୍ତ୍ୱର ସୁପରିଚାଳନା କରିବାକୁ ଚାହୁଁଥିଲେ ମିତ୍ର ଫସଲ ଚାଷୀଙ୍କ ପାଇଁ ଭଲ ବିକଳ୍ପ। ମିତ୍ର ଫସଲକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି।

ଅନ୍ତଃ ଫସଲ: ମୁଖ୍ୟ ଫସଲ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଅଳ୍ପ ଅବଧିରେ ଏକ ଡାଲିଜାତୀୟ ଫସଲ ଚାଷ କରାଯିବାକୁ ଅନ୍ତଃ ଫସଲ କୁହାଯାଏ। ଏହାଦ୍ୱାରା ବାୟୁମଣ୍ଡଳରୁ ଯବକ୍ଷାରଜାନ ଡାଲିଜାତୀୟ ଫସଲର ଚେରରେ ବିବନ୍ଧିତ ହୋଇ ଫସଲକୁ ମିଳିଥାଏଲ ଓ ସେହି ସମାନ ଜମିରେ ଅଧିକ ଅମଳ ମିଳେ। ଏହି ଫସଲରେ ପରାଶ୍ରୟୀ ତଥା ପରଭୋଜୀ କମିଯାଏ।

ଉଦାହରଣ: ବିଲାତି ବାଇଗଣ ଓ ବନ୍ଧାକୋବିକୁ ମିଶ୍ରିତ ଫସଲ ରୂପେ ଗ୍ରଣ କଲେ ବିଲାତି ବାଇଗଣର ଫଳ ବିନ୍ଧା ପୋକ ଏବଂ ବନ୍ଧାକୋବିର ଠିକିରିଆ ପୋକ ଆକ୍ରମଣ କମିଥାଏ। କପା ସହିତ ମକା ଓ ବରୁଗୁଡ଼ି ଲଗାଇଲେ ଜମିରେ ଉପକାରୀ କୀଟସଂଖ୍ୟା ବଢ଼ି ବକରାପୋକର ପରିଚାଳନାରେ ସାହାଯ୍ୟ କରିଥାନ୍ତି। ପନିପରିବା ସହିତ ଗେଣ୍ଡୁ କିମ୍ବା ଧନିଆ ବଣିଲେ ଅଧିକ ସିରିପିଡ଼ୁ ମାଛି ଦେଖାଯାଆନ୍ତି।

ଯେଉଁମାନେ ପନିପରିବାରୁ ଜନଉପୋକ ଓ ଅନ୍ୟାନ୍ୟ କୋମଳ ଦେହଧାରୀ କ୍ଷତିକାରକ ପୋକମାନଙ୍କୁ ଖାଇଥାନ୍ତି। କେତେକ ଗଛର ଗନ୍ଧକୀଟମାନଙ୍କୁ ଆକର୍ଷିତ କରନ୍ତି ଏହି ଗଛକୁ ଫସଲ ମଝିରେ ଲଗାଯାଇ କୀଟ ଦ୍ୱାରା ହେଉଥିବା କ୍ଷତିକୁ କମ୍ କରାଯାଏ। ଏହି ଗଛଗୁଡ଼ିକ ହେଉଛନ୍ତି ବରଗୁଡ଼ି, ରାଇସୋରିଷ, ଗେଣ୍ଡୁ ଇତ୍ୟାଦି। ବରଗୁଡ଼ି ଓ ରାଇସୋରିଷ ଉଉପରେ ମାଖ୍ୱା କୀଟ ଜମା ହୋଇଯାଆନ୍ତି।

କୀଟମାନଙ୍କର ସଂଖ୍ୟା ବୃଦ୍ଧିପାଏ ତଥା ମୁଖ୍ୟ ଫସଲରେ କ୍ଷତିକାରକ କୀଟମାନଙ୍କ ସଂଖ୍ୟା ଫଳରେ ମୁଖ୍ୟ ଫସଲ ବଂଚିଯାଏ।

ଯନ୍ତା ଫସଲ ଚାଷ: କେତେକ କ୍ଷତିକାରକ କୀଟ କେତେକ ନିର୍ଦ୍ଦିଷ୍ଟ ଗଛରେ ଅଣ୍ଡା ଦେବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ଏହି ଗଛକୁ ଫସଲର ଚାରିପାଖରେ ବାଡ଼ ଫସଳ ବା ଜନ୍ତା ଫସଲ ହିସାବରେ ଲଗାଯାଇପାରେ। ଏହାଦ୍ୱାରା କ୍ଷତିକାରକ କୀଟମାନେ ପ୍ରଥମେ ଏହି ଜନ୍ତା ଫସଲରେ ଲାଗନ୍ତି ଓ ସହଜରେ ଏମାନଙ୍କୁ ନିୟନ୍ତ୍ରଣ କରିହୁଏ।

ଉଦାହରଣ: ଠିକିରିଆ ପୋକ ବନ୍ଧାକୋବି ଅପେକ୍ଷା ସୋରିଷକୁ ଅଧିକ



ପସନ୍ଦ କରନ୍ତି। ଏଥିପାଇଁ ୨ ଧାଡ଼ି ସୋରିଷ ଏବଂ ୨୫ ଧାଡ଼ି ବନ୍ଧାକୋବି ମିଶ୍ରିତ ଚାଷ କରନ୍ତୁ। ଜମିର ଆରମ୍ଭରେ ଓ ଶେଷରେ ସୋରିଷ ଧାଡ଼ି ରଖନ୍ତୁ। କେତେକ ଗଛ କୀଟକୁ ଭ୍ରମରେ ପକାନ୍ତି। ଯେମିତିକି କପା ସହିତ ମକରା କିଛିଗଛ ଲଗାଇଲେ କାଟରପିଲାର ଭ୍ରମରେ ପଡ଼ି କପାଫୁଲ ବଦଳରେ ମକାର କେଶର ଉପରେ କୀଟମାନେ ଅଣ୍ଡା ଦେଇ ଦିଅନ୍ତି ଓ ପରେ ଏହି ଅଣ୍ଡାମାନେ ଖାଦ୍ୟ ଅଭାବରୁ ମରିଯାଆନ୍ତି। ସେହିଭଳି ଜଡ଼ାର ଗନ୍ଧ କୀଟମାନଙ୍କୁ ଭଲ ଲାଗୁ ନଥିବାରୁ ଏହା ଏକ ଉତ୍କୃଷ୍ଟ ଯନ୍ତା ଫସଲ ରୂପେ ବ୍ୟବହୃତ ହୁଏ। କପା ଫସଲରେ ବିକରପୋକ ଓ ଗୋଟିପୋକରୁ ରକ୍ଷା ପାଇବା ପାଇଁ ଯନ୍ତା ଫସଲ ରୂପେ ବ୍ୟବହୃତ ହୁଏ। କପା ଫସଲରେ ବକରାପୋକ ଓ ଗୋଟିପୋକରୁ ରକ୍ଷା ପାଇବା ପାଇଁ ଯନ୍ତା ଫସଲ ହିସାବରେ ଜଡ଼ା, ସୂର୍ଯ୍ୟମୁଖୀ, ଗେଣ୍ଡୁ ଲଗାଯାଇପାରେ। ବୁଟ, ହରଡ଼ରେ ଆମେରିକୀୟ ବକରାବିନ୍ଧା ପୋକରୁ ରକ୍ଷା ପାଇଁ ଗେଣ୍ଡୁ ଲଗାଯାଇପାରେ। ଆଳୁ, ବାଇଗଣ, ଟମାଟୋ, ଭେଣ୍ଡିରୁ ଚେରଗଣ୍ଠି ସୂତ୍ରକୀବ ପୋକରୁ ରକ୍ଷା ପାଇଁ ହଳଦିଆ କିସମ କଳିକତି ଗେଣ୍ଡୁକୁ ଜନ୍ତା ଫସଲ ହିସାବରେ ଲଗାନ୍ତୁ।

ପୂଜା ଓ ଧ୍ୟାନ

ପୂଜା-ଉପାସନା ଦ୍ୱାରା ଦେବାଦେବୀଙ୍କୁ ପ୍ରସନ୍ନ କରାଯାଇଥାଏ। କିନ୍ତୁ ଭଗବାନ କୃପା ଲାଭ ପାଇଁ ପୂଜା କରିବା ସମୟରେ ନିଜକୁ ନିୟନ୍ତ୍ରଣରେ ରଖିବା ଉଚିତ୍। ସମ୍ପୂର୍ଣ୍ଣ ବିଧି-ବିଧାନ ସହ ପୂଜା କରିବା ଗୁରୁତ୍ୱପୂର୍ଣ୍ଣ। ଉଭୟ ଶ୍ରଦ୍ଧା ଓ ନିଷ୍ଠା ହେଉଛି ଭଗବାନଙ୍କୁ ସନ୍ତୁଷ୍ଟ କରିବାରେ ମାର୍ଗ। ତେଣୁ ଯେକୌଣସି ଦେବାଦେବୀଙ୍କୁ ପୂଜା କରୁଥିବା ସମୟରେ ଆତ୍ମ ସଂଯମତା ତଥା ଅଶାନ୍ତିକୁ ଦୂରରେ ରଖିବାକୁ ଯେମିତି ନ ଭୁଲନ୍ତି।

ଛିଙ୍କିବା/ଭଗବାନଙ୍କୁ ଧ୍ୟାନ କରିବା ସମୟରେ ଛିଙ୍କିବା ଦ୍ୱାରା ମୁହଁ ଅପବିତ୍ର ହୋଇଯାଏ ବୋଲି କୁହାଯାଏ। ତେଣୁ ଅପବିତ୍ର ମୁହଁରେ ଭଗବାନଙ୍କୁ ସ୍ମରଣ କରିବା ବର୍ଜନୀୟ। ଯଦି ପୂଜା କରିବା ସମୟରେ ଛିଙ୍କ କିମ୍ବା କାଶହୁଏ ତେବେ ତୁରନ୍ତ ହାତ-ମୁହଁ ଧୋଇ ପୂର୍ବବତ୍ ପୂଜା ସ୍ଥାନକୁ ଆସିବା ଉଚିତ୍।

ଛେପ ପକାଇବା: ଛେପ ଦ୍ୱାରା ବ୍ୟକ୍ତି ନିଜ ଶରୀରର ଅପରିଷ୍କାର ଜିନିଷକୁ ବାହାର କରିଥାଏ। ତେଣୁ ଭଗବାନଙ୍କ ଆରାଧନା କରୁଥିବା ସମୟରେ ଏଭଳି କାର୍ଯ୍ୟ କରିବା ଅନୁଚିତ୍। ଯଦି କୌଣସି କାରଣବଶତଃ ଛେପ ପକାଇବା ପାଇଁ ବାଧ୍ୟ ହୋଇଥାନ୍ତି ତେବେ ପୁଣିଥରେ ସ୍ନାନ କରିବା ଭଗବାନଙ୍କ ନିକଟକୁ ଆସିବା ଆବଶ୍ୟକ।

ଆଳସ୍ୟ ରହିବା: ଆଳସ୍ୟ, ନିଦ୍ରାଭଳି ଅବସ୍ଥାରେ ଭଗବାନଙ୍କ ପୂଜାର୍ଚ୍ଚନା କରିବା ଅନୁଚିତ। ଧର୍ମଗ୍ରନ୍ଥ ଅନୁସାରେ, ପ୍ରାତଃରୁ ଉଠି ସ୍ନାନ ଆଦି ଶୌଚ କାମ ସମାପନ କରିବା ପୂର୍ବକ ଆଳସ୍ୟ ନିଦ୍ରାକୁ ପରିହାର କରି ଭକଗବାନଙ୍କୁ ଉପାସନା କରିବା ବିଧେୟ।

କ୍ରୋଧ: ଯେଉଁମାନେ ନିଜ ଭିତରେ କ୍ରୋଧ ଭାବ ରଖିଥାନ୍ତି ସେମାନେ ଯେକୌଣସି କାର୍ଯ୍ୟ କଲେ ସେଥିରେ ମନ ନିବେଶ କରିପାରନ୍ତି ନାହିଁ। ଭକ୍ତିର ସହ ପୂଜାର୍ଚ୍ଚନା ପାଇଁ ମନରେ ଶାନ୍ତି ଓ ଏକାଗ୍ରତା ରହିବା ଆବଶ୍ୟକ। କାରଣ ଅଶାନ୍ତ ମନରେ କରାଯାଇଥିବା କାର୍ଯ୍ୟ ଫଳଶୂନ୍ୟ ସଦୃଶ। ତେଣୁ ପୂଜା କରିବା ଆଗରୁ କ୍ରୋଧ, ହିଂସା, ଲୋଭ ଭଳି ନକାରାତ୍ମକ ଭାବକୁ ତ୍ୟାଗ କରିବା ଉଚିତ୍।

ନିଶାଗ୍ରସ୍ତ: ପୁରାଣରେ ନିଶା ସେବନ କରୁଥିବା ବ୍ୟକ୍ତିକୁ ରାକ୍ଷସ ସହିତ ତୁଳନା କରାଯାଇଥାଏ। ଦେବାଦେବୀଙ୍କ କୃପା ଲାଭ କରିବା ପୂର୍ବରୁ ମଣିଷ ନିଜ ମନ ଓ ଶରୀରକୁ ଶୁଦ୍ଧ କରିବା ଉଚିତ। ତେଣୁ କୌଣସି ପୂଜା ପୂର୍ବରୁ ନିଶା ବା ତତ୍ ସମ୍ବନ୍ଧୀୟ କିଛି ଭାବନା ମନରେ ରଖିବା ଅନୁଚିତ।

ଏଡ୍‌ସ ନିୟନ୍ତ୍ରଣ କରିବ ଲେମ୍ବୁ

ଅଷ୍ଟ୍ରେଲିଆର କିଛି ବୈଜ୍ଞାନିକ ଗବେଷଣା କରି ପ୍ରକାଶ କରିଛନ୍ତି ଯେ, ଲେମ୍ବୁ ପରିବାର ନିୟୋଜନ କରିବା ସହିତ ଏଡ୍‌ସକୁ ମଧ୍ୟ ନିୟନ୍ତ୍ରଣ କରିପାରିବ । ପରୀକ୍ଷଣରୁ ଜଣାପଡିଛି ଲେମ୍ବୁରସ ଶୁକ୍ରାଣୁ ଓ ଏଚ୍‌ଆଇଭି ଭାଇରସ୍‌କୁ ମାରିଦିଏ । ଡାକ୍ତର ଶାର୍ଟଙ୍କ ଅନୁସାରେ, ଲେମ୍ବୁ ରସକୁ ମହିଳା ଯଦି ସେକ୍ସ କରିବା ପୂର୍ବରୁ ପିଇଥାଏ ତେବେ ଏହା ଗର୍ଭନିରୋଧକ କାମ କରିଥାଏ । ଡାକ୍ତରଙ୍କ କହିବାନୁସାରେ, ପ୍ରାଚୀନ କାଳରେ ମହିଳାମାନେ ଲେମ୍ବୁରସକୁ ଗର୍ଭନିରୋଧକ ଭାବେ ବ୍ୟବହାର କରୁଥିଲେ ।

ଘରେ ରଖନ୍ତୁ ଫେଙ୍ଗ୍‌ସୁଇ ପିରାମିଡ୍, ଦୂର ହେବ ବାସ୍ତୁଦୋଷ

ଚୀନ୍ ବାସ୍ତୁଶାସ୍ତ୍ର ଫେଙ୍ଗ୍‌ସୁଇ ଅନୁଯାୟୀ, ଏଭଳି କିଛି ବସ୍ତୁ ରହିଛି, ଯାହାକି ନକାରାତ୍ମକ ଶକ୍ତିକୁ ସକାରାତ୍ମକ ଶକ୍ତିରେ ପରିବର୍ତ୍ତନ କରିଥାଏ। ଏହା ଦ୍ୱାରା ଅନେକ ସମସ୍ୟା ଦୂର ହୋଇ ଘରେ ସୁଖସମୃଦ୍ଧି ଆସେ। ଫେଙ୍ଗ୍‌ସୁଇ ପିରାମିଡ୍‌ର ଅନେକ ମହତ୍ତ୍ୱ ରହିଛି। ତେବେ ପିରାମିଡ୍‌କୁ ସଠିକ୍ ଦିଗରେ ରଖିବା ଆବଶ୍ୟକ। ନଚେତ୍ ଏହା ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରେ। ଘରେ ପିରାମିଡ୍ ରଖୀବାର ନିୟମ ଏବଂ ଏହା ଦ୍ୱାରା କେଉଁସବୁ ସମସ୍ୟା ଦୂର ହୋଇଥାଏ, ଆସନ୍ତୁ ଜାଣିବା...

♦ଘରେ ଧାତୁ କିମ୍ବା କାଠ ନିର୍ମିତ ପିରାମିଡ୍ ରଖୀପାରିବେ। ଏହା ବାସ୍ତୁଦୋଷ ଦୂର କରିଥାଏ।

♦ପିଲାଙ୍କ ପଢ଼ାଘରେ କିମ୍ବା ପଢ଼ା ଟେବୁଲ୍ ଉପରେ ପିରାମିଡ୍ ରଖୀପାରିବେ। ଏହାଦ୍ୱାରା ଏକାଗ୍ରତା ସୃଷ୍ଟି ହୋଇଥାଏ ଏବଂ ଶିକ୍ଷା କ୍ଷେତ୍ରରେ ପିଲାଙ୍କର ବିକାଶ ହୋଇଥାଏ।

♦ଶତ୍ରୁ ସମସ୍ୟା ଥିଲେ, ପିରାମିଡ୍‌କୁ ଘରର ଦକ୍ଷିଣ ଦିଗରେ ରଖୀପାରିବେ। ଏହାଦ୍ୱାରା ଆଇନଗତ ମାମଲାରେ ମଧ୍ୟ ବିଜୟ ହାସଲ ହୋଇଥାଏ।

♦ପିରାମିଡ୍ ସମ୍ପର୍କରେ କୁହାଯାଏ ଯେ, ଏହା ଉପରେ ଯଦି କୌଣସି ଜିନିଷ ରଖାଯାଏ, ତାହାର ଗୁଣରେ ପରିବର୍ତ୍ତନ ଆସିଥାଏ। ପାଚନ ଶକ୍ତି ଦୁର୍ବଳ ଥିଲେ ପାଣି ଗ୍ଲାସ୍ ଉପରେ ପିରାମିଡ୍ ରଖୀବା ଉଚିତ। କିଛି ସମୟ ପରେ ସେହି ପାଣିକୁ ପିଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ହୁଏ।

♦ଘରର ପୂର୍ବ ଦିଗରେ ପିରାମିଡ୍ ରଖୀବା ଦ୍ୱାରା ଯଶକୀର୍ତ୍ତି ବୃଦ୍ଧି ପାଇଥାଏ। ଘରେ କାହାର କୌଣସି ବଦଭ୍ୟାସ ଥିଲେ, ତାହାକୁ ଦୂର କରିବା ପାଇଁ ଘରେ ପିରାମିଡ୍ ରଖୀବା ଲାଭଦାୟକ ହୋଇଥାଏ।

ଘରୋଇ ବୈଦ୍ୟ: ସୋରିଷ ତେଲ-ହଳଦୀ

ସୋରିଷ ଏବଂ ହଳଦୀକୁ ଆମେ ରୋଷେଇରେ ନିଶ୍ଚୟ ବ୍ୟବହାର କରିଥାଉ। ଖାଦ୍ୟରେ ସ୍ୱାଦ ବଢ଼ାଇବା ବ୍ୟତୀତ ଏଥିରେ ଥିବା ଆଂଟି-ଅକ୍ସିଡେଂଟସ୍, ଆଂଟି-ବ୍ୟାକ୍ଟେରିୟଲ, ଆଂଟି-ଭାଇରାଲ ଉପାଦାନ ହେତୁ ଏହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ନିୟନ୍ତ୍ରଣାଧୀନ କରିଥାଏ। ଯଦି ଆମେ ନିୟମିତ ସୋରିଷ ତେଲରେ ହଳଦୀ ମିଶାଇ ଖାଇବା ତାହା ଆମ ପାଇଁ ଘରୋଇ ବୈଦ୍ୟ ଭଳି କାମଦେବ। ତାହେଲେ ଆସନ୍ତୁ ଜାଣିବା ସୋରିଷ ତେଲ ଓ ହଳଦୀର କେତେକ ଉପାଦେୟ ପ୍ରଶ୍ନାବଳୀ...।

- ସୋରିଷ ତେଲରେ ହଳଦୀ ମିଶାଇ ଖାଇବା ଦ୍ୱାରା ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଫଳରେ ଭୋକ ବଢ଼ିଥାଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂରହୁଏ।

- ସୋରିଷ ତେଲରେ ହଳଦୀ ମିଶାଇ ଖାଇଲେ ଶରୀରରୁ କୋଲେଷ୍ଟେରର ମାତ୍ରା କମ୍ ହୋଇଥାଏ। ଏହାଦ୍ୱାରା ରକ୍ତ ସଂଚାଳନରେ ସୁଧାର ଆସିବା ସହ ହୃତପିଣ୍ଡ ଦୁର୍ବଳ ହୁଏନାହିଁ।

- ଏହାକୁ ପିଇବା ଦ୍ୱାରା ବ୍ୟକ୍ତି କ୍ୟାନସର ସମସ୍ୟାକୁ ଏଡ଼ାଇ ଦେଇପାରେ। କାରଣ ଏଥିରେ ଥିବା ଆଂଟି-ଅକ୍ସିଡେଣ୍ଟସ୍ କ୍ୟାନସର କୋଷକୁ ନଷ୍ଟ କରିବାରେ ସହାୟକ।

- ଏହାଦ୍ୱାରା କଫ ସମସ୍ୟା ମଧ୍ୟ ଦୂର ହୁଏ। ନିଃଶ୍ୱାସ-ପ୍ରଶ୍ୱାସ ସହଜ ହେବା ସହ ଶ୍ୱାସ ନିୟନ୍ତ୍ରଣରେ ରହେ।

- ମାଂସପେଶୀ ଜନିତ ଯନ୍ତ୍ରଣା ଦୂର ହୋଇପାରେ। ସୋରିଷ ତେଲରେ ହଳଦୀ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଯାହା ଦ୍ୱାରା ଥଣ୍ଡା, ଜ୍ୱର ବା ଭୂତାଣୁ ଜନିତ ରୋଗ ଠାରୁ ମୁକ୍ତି ମିଳେ।

ଜଣାପଡ଼େନାହିଁ, ବଢ଼ିଯାଏ ରୋଗ: ଏହି ସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ କରନ୍ତୁ ସୁଗାର ଟେଷ୍ଟ୍

ଏବେ ଘରେ ଘରେ ଟାଇପ୍-୨ ମଧୁମେହ ରୋଗୀ। ମଧୁମେହ ଏକ ଦ୍ରୁତ ଗତିରେ ବଢୁଥିବା ରୋଗ। ମଧୁମେହ ଦୃଷ୍ଟିହୀନତା, କିଡନୀ ବିଫଳତା, ହୃଦଘାତ ଏବଂ ଷ୍ଟ୍ରୋକର କାରଣ ହୋଇଥାଏ। ଟାଇପ୍-୨ ମଧୁମେହକୁ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କିଛି ସରଳ ଉପାୟ ପରାମର୍ଶ ଦେଇଛି। ଟାଇପ୍-୨ ମଧୁମେହ ଆପଣଙ୍କ ଶରୀରରେ ଇନସୁଲିନକୁ ସଠିକ୍ ଭାବରେ ପ୍ରଚଳନ ହେବାକୁ ଦେଇନଥାଏ। ଯଦି ଏହାର ଚିକିତ୍ସା କରା ନଯାଏ ତେବେ ରକ୍ତରେ ଶର୍କରା ବୃଦ୍ଧି ପାଇଥାଏ। ସମୟ ସହିତ ଏହି ଅବସ୍ଥା ସ୍ନାୟୁ ଏବଂ ରକ୍ତନଳିକୁ ଗୁରୁତର କ୍ଷତି ପହଞ୍ଚାଇପାରେ। ଟାଇପ୍-୨ ମଧୁମେହରେ, ଲକ୍ଷଣ ସାମାନ୍ୟ ହୋଇପାରେ ଏବଂ ଆଖିଦୃଶିଆ ହେବାକୁ ଅନେକ ବର୍ଷ ଲାଗିପାରେ। ହେଲେ ଯଦି ଆପଣଙ୍କୁ ବାରମ୍ବାର ଶୋଷ ଲାଗୁଛି, ପରିସ୍ରା ଲାଗୁଛି, ଥକ୍କା ଅନୁଭବ କରୁଛନ୍ତି କିମ୍ବା ଓଜନ ହ୍ରାସ ପାଉଛି ତ ଆପଣ ଏହି ରୋଗର ଶିକାର। ଏହି ସବୁ ଲକ୍ଷଣ ଆପଣଙ୍କ ଶରୀରରେ ଦେଖାଦେଲେ ସୁଗାର ଟେଷ୍ଟ୍ କରିନିଅନ୍ତୁ।

ଧାନ କିଣିବାକୁ ପ୍ରସ୍ତୁତ ସରକାର: ମଣ୍ଡି ଅବ୍ୟବସ୍ଥା ଜଳଜଳ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଖରିଫ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତ ଅଛନ୍ତି ରାଜ୍ୟର ୨୬୨୨ ପ୍ୟାକ୍ସ। ନଭେମ୍ବରରେ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମ ଓଡ଼ିଶାର ସଅଳ ଅମଳକ୍ଷମ ଧାନ ସଂଗ୍ରହ କରାଯିବ। ସେପଟେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଚାଷୀ କଟ୍‌ନି ଛଟନି, ଅଭାବୀ ବିକ୍ରି, ମଣ୍ଡିରେ ଭିତ୍ତିଭୂମି ସମସ୍ୟା, ପ୍ରାପ୍ୟ, ହାତୀ ସମେତ ବନ୍ୟଜନ୍ତୁ ଉପଦ୍ରବ ଯୋଗୁଁ କଷ୍ଟ ସହିବେ ନା ବିକ୍ରି ବ୍ୟବସ୍ଥା ସହଜ ହେବ ତାକୁ ନେଇ ଏ ପର୍ଯ୍ୟନ୍ତ ସରକାର ସ୍ପଷ୍ଟ କରିନାହାନ୍ତି। ଏଭଳି ସ୍ଥିତିରେ ସମବାୟ ବିଭାଗର ନିଜ ରିପୋର୍ଟରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ଧାନ ଉତ୍ପାଦନରେ ଓଡ଼ିଶା ଦେଶରେ ଅଗ୍ରଣୀ ରାଜ୍ୟ। ଗତ ୭ ବର୍ଷ ମଧ୍ୟରେ କେବଳ ୨୦୨୧କୁ ବାଦ ଦେଇ ଅନ୍ୟ ସବୁ ବର୍ଷ ଧାନ ସଂଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଧାନ ସଂଗ୍ରହ ନିୟମ ଅନୁଯାୟୀ, ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଠାରୁ ସରକାର ଧାନ ସଂଗ୍ରହ ପାଇଁ ବାଧ୍ୟ। ଏହା ସତ୍ତ୍ୱେ ୨୦୧୬ ମସିହାରେ ୨.୮୮ ଲକ୍ଷ, ୨୦୨୦ ମସିହାରେ ୩.୧୮ ଲକ୍ଷ, ୨୦୨୧ ମସିହାରେ ୩.୧୮ ଲକ୍ଷ ଏବଂ ୨୦୨୨ ମସିହାରେ ୨.୭୭ ଲକ୍ଷ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଅନ୍ୟପକ୍ଷରେ ସମସ୍ତ ମଣ୍ଡିରେ କମ୍ପ୍ୟୁଟର, ଇଣ୍ଟରନେଟ୍?, ପିଣ୍ଡି, ଗୋଦାମ, ଶୌଚାଳୟ ଏବଂ ପାନୀୟ ଜଳ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ରହିଛି। ଏଥିପାଇଁ ସରକାରଙ୍କ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏହା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ୩୪୫୭ ମଣ୍ଡି ଏବଂ କ୍ରୟ କେନ୍ଦ୍ରରୁ ୨୫୯୫ଟି କେନ୍ଦ୍ରରେ ପିଣ୍ଡି, ୧୯୭୭ରେ ଗୋଦାମ, ୮୫୮ରେ କମ୍ପ୍ୟୁଟର, ୧୮୬ରେ ଇଣ୍ଟରନେଟ୍, ୯୬୮ଟି ସ୍ଥାନରେ ଶୌଚାଳୟ, ୧୧୪ଟିରେ ପାନୀୟ ଜଳ, ୧୪୬ରେ ପ୍ରତୀକ୍ଷା ଗୃହ ନାହିଁ। ୧୬୯୩ ପ୍ୟାକ୍ସର ନିଜସ୍ୱ ଜମି ନାହିଁ। ରାଜ୍ୟର ୬ଟି ଜିଲ୍ଲା ଅନୁଗୁଳ, ଭଦ୍ରକ, ଦେବଗଡ଼, ଗଞ୍ଜାମ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ରେ ଧାନ ବିକ୍ରି ପାଇଁ ସର୍ବନିମ୍ନ ବ୍ୟବସ୍ଥା ଅର୍ଥାତ ମାର୍କେଟ ୟାର୍ଡ ମଧ୍ୟ ନାହିଁ। ଏଠାରେ ଖୋଲା ଆକାଶ ତଳେ କିମ୍ବା ଧାନ ସିଧାସଳଖ ମିଲ୍?କୁ ଯାଇ ବିକ୍ରି ହୁଏ। ଫଳରେ ଚାଷୀ ଶୋଷଣର ଶିକାର ହୁଏ। କନ୍ଧମାଳର ୨୪ଟି ପ୍ୟାକ୍ସରୁ ମାତ୍ର ୧ରେ କମ୍ପ୍ୟୁଟର ଏବଂ ଗଜପତିରେ ୪୫ରୁ ମାତ୍ର ୬ଟି ମଣ୍ଡିରେ ଶୌଚାଳୟ ରହିଛି। ଜିଲ୍ଲାସ୍ତରରେ ମଣ୍ଡିରେ ସର୍ବନିମ୍ନ ସୁବିଧାର ଆହୁରି ବିକଟ ଚିତ୍ର ରହିଛି। ଆହୁରି ସାଂଘାତିକ କଥା ହେଲା, ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଧାନ କମିସନ ବାବଦରେ ୭୫୫ କୋଟି ଏବଂ ମଣ୍ଡି ପରିଚାଳନା ବାବଦରେ ୨୭୧ କୋଟି ଟଙ୍କାର ବକେୟା ଟଙ୍କା ସମବାୟ ସମିତିଙ୍କୁ ଦିଆଯାଇନାହିଁ। ମଣ୍ଡି ପରିଚାଳନା ପାଇଁ ଜିଲ୍ଲାରେ ସ୍ଥିତ ପ୍ୟାକ୍ସଗୁଡ଼ିକ ପ୍ରତିବର୍ଷ ସମୁଦାୟ ୨୭ କୋଟିରୁ ୩୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଅର୍ଥ ମିଳୁନଥିବାରୁ ପ୍ୟାକ୍ସଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଠାରେ ଉଲ୍ଲେଖଥାଉକି, ଦୁଇ ବର୍ଷ ହେଲା ନକଲି ଧାନ ପ୍ଲଟ ଚିହ୍ନଟ ପାଇଁ ସାଟେଲାଇଟ ସର୍ଭେ କରାଯାଉଛି। ଚଳିତ ବର୍ଷ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଏବଂ ସମ୍ବଲପୁର ଜିଲ୍ଲାର ୫୩ ତହସିଲ ଅନ୍ତର୍ଗତ ୬୧୪୬ଟି ଗାଁର ୨ ଲକ୍ଷ ୫୬ ହଜାର ୯୫୯ଟି ପ୍ଲଟ ନକଲି ହୋଇଥିବା ନେଇ ସନ୍ଦେହ କରାଯାଇ ପୁନଃ ସର୍ଭେ କରାଯାଉଛି। ଧାନ ସଂଗ୍ରହ ତାରିଖ ଘୋଷଣା ହେବାକୁ ବସିଥିଲେ ମଧ୍ୟ ୧ ଲକ୍ଷ ୩୯ ହଜାର ୩୮୧ ପ୍ଲଟର ସର୍ଭେ ବର୍ତ୍ତମାନ ପର୍ଯ୍ୟନ୍ତ ସରିନାହିଁ। ଚଳିତ ବର୍ଷ ୧୭ ଲକ୍ଷ ୫୫ ହଜାର ୨୫୨ ଚାଷୀ ଧାନ ବିକ୍ରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ବରଗଡ଼ରେ ସର୍ବାଧିକ ୧ ଲକ୍ଷ ୫୧ ହଜାର, ଗଞ୍ଜାମରେ ୧ ଲକ୍ଷ ୪୬ ହଜାର, କଳାହାଣ୍ଡିର ୧ ଲକ୍ଷ ୧୨ ହଜାର ଚାଷୀ ରହିଛନ୍ତି। ୫୪ ହଜାର ୮୨୦ ଚାଷୀଙ୍କ ଆକାଉଣ୍ଟ ଯାଞ୍ଚ ବର୍ତ୍ତମାନ ପର୍ଯ୍ୟନ୍ତ ସରିନାହିଁ।

ସୁବର୍ଣ୍ଣପୁରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ସୁବର୍ଣ୍ଣପୁର, ୩୧/୧୦ (ନି.ପ୍ର): କେନ୍ଦ୍ରୀୟ ଓ ରାଜ୍ୟ ଦୁର୍ନୀତି ନିବାରଣ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଏବେ ସମଗ୍ର ରାଜ୍ୟରେ ୩୦ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି। ଏହି ଅବସରରେ ସମଗ୍ର ଜିଲ୍ଲାରେ ଦୁର୍ନୀତି ବିରୁଦ୍ଧରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ସପ୍ତାହ ପାଳନ ଅବସରରେ ଶପଥପାଠ କରାଇଥିଲେ। ଏହି କ୍ରମରେ ଆଜି ଉଲୁଣ୍ଡା ବ୍ଲକର ଓସ୍ୱାନ ହଲ ରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ତଥା ଅନ୍ୟାନ୍ୟ ଜିଲ୍ଲା ପଦାଧିକାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ। ପରେ ପରେ ଆଜି ଅନୁଷ୍ଠିତ ଉଲୁଣ୍ଡା ବ୍ଲକ ସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାୟ ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଉପସ୍ଥିତ ଅଧିକାରୀ ତଥା କର୍ମଚାରୀ ମାନଙ୍କୁ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଅଙ୍ଗୀକାରବଦ୍ଧତା ସ୍ୱରୂପ ଶପଥ ପାଠ କରାଇଥିଲେ।

ସେହିପରି ଏହି ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ ସମାରୋହରେ ଓସ୍ୱାନ୍ ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ଅଂଜଳିନା ପଧାନ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଏଥିରେ ଯୋଗଦାନ କରି ଦୁର୍ନୀତି ମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ପାଠ କରିଥିଲେ। ଏଥିରେ ସୁବର୍ଣ୍ଣପୁର ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀ ମାନେ ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆସନ୍ତା ୪ ତାରିଖରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସଭା ଅନୁଷ୍ଠିତ ହେବ। ଏହା ସହିତ ସମସ୍ତ ଉପଖଣ୍ଡ ଓ ବ୍ଲକ ମାନଙ୍କରେ ମଧ୍ୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ।

ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୩୧/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି, ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ. ନିଶା, ଏପିଓ ମାନସ କର, ସରପଂଚ ଦିପ୍ତି ହିକକା, ସମିତି ସଭ୍ୟା ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ହଟିକଲଚର, କୃଷି ବିଭାଗ, ପଶୁ ସମ୍ପଦ ବିଭାଗ ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ସମସ୍ୟା, ଅଭିଯୋଗ ଜଣାଇଥିଲେ । ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ମାନେ ଦାବି କରିଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ସମସ୍ୟା ସମାଧାନ ଆଦି ଉପରେ ଅଭିଯୋଗ କରାଯାଇଥିଲା। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ଉପସ୍ଥିତ ଅଧିକାରି ମାନେ ସଚେତନ କରିଥିଲେ । ଏଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା ।

ବିନିକା ବ୍ଲକର ୪୫୧ ଜଣ ନିର୍ମାଣ ଶ୍ରମିକଙ୍କୁ ୨,୬୩,୬୩,୪୦୦ ଟଙ୍କା ସହାୟତା ରାଶି ବଂଟନ

ସୁବର୍ଣ୍ଣପୁର, ୩୧/୧୦ (ନି.ପ୍ର): ଆଜି ବିନିକା ବ୍ଲକର ଆରଏମସି ମାର୍କେଟ ୟାର୍ଡ଼ ଠାରେ ସୁବର୍ଣ୍ଣପୁର ଜିଲ୍ଲା ଶ୍ରମ ବିଭାଗ ତରଫରୁ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ରାଶି ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପଧାନ, ଦୀପ୍ତିରେଖା ନନ୍ଦ, ଅଧ୍ୟକ୍ଷା, ବିନିକା ପଂଚାୟତ ସମିତି, ସୁବାସ ଭୋଇ, ଅଧ୍ୟକ୍ଷ ବିନିକା ବିଜ୍ଞାପିତ ଅଂଚଳ ପରିଷଦ, ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରିବା ସହିତ ଶ୍ରମିକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ ଓ ଦେଶର ନିର୍ମାଣରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭାରେ ମୁଖ୍ୟଅତିଥି ବିଧାୟକ ପଦ୍ମନାଭ ବେହେରା ନିଜ ଅଭିଭାଷଣରେ କହିଥିଲେ ସେ ବି ଆଗରୁ ନିର୍ମାଣ ଶ୍ରମିକ ଭାବରେ କାମ କରିଛନ୍ତି ଓ ସେମାନଙ୍କ ବିଷୟରେ ମୁଁ ପୂର୍ବରୁ ଭଲ ଭାବରେ ଅବଗତ। ଏଣୁ ସମସ୍ତେ ନିଜ ନିଜ ନାମ ପଞ୍ଜିକରଣ କରାଇ ସରକାରଙ୍କ ସବୁ ଯୋଜନା ର ଲାଭ ନେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ସଭା ଶେଷରେ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରୁ ୧୭ ଜଣ ଙ୍କୁ ଡେମୋ ଚେକ ପ୍ରଦାନ କରାଯାଇଥିଲା ଓ ବାକି ଅନ୍ୟ ହିତାଧିକାରୀମାନଙ୍କ ଆକାଉଂଟକୁ ସହାୟତା ରାଶି ଜମା କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସୂଚନା ଦେଇଥିଲେ। ଏହି ସଭାକୁ ପରିଚାଳନା କରିଥିଲେ ବାଙ୍କ ବିହାରୀ ମହଲା ଓ ସେଥିରେ ତାଙ୍କୁ ସହଯୋଗ କରିଥିଲେ କୁମାରୀ ପ୍ରିୟଦର୍ଶିନୀ ପଧାନ, ନାରାୟଣ ବିଶି କ୍ଷ ଶେଷରେ ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବି ଛାଡ଼ିଲେନି: କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି

ନବରଙ୍ଗପୁର, ୩୧/୧୦ (ନି.ପ୍ର): ସୁରକ୍ଷା ବୋଲି କିଛି ନାହିଁ। ସିସି କ୍ୟାମେରା ବି ଅଚଳ। ତେଣୁ ପ୍ରଶାସନ ଏବଂ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଚୋରି କରିବାକୁ ଆଦୌ ଦ୍ୱିଧା କରିନାହାନ୍ତି। ନିର୍ବାଚନ ଉପବିଭାଗ କକ୍ଷ ଏବଂ ଡେପୁଟି କଲେକ୍ଟରଙ୍କ କକ୍ଷରୁ କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି କରିଛନ୍ତି। ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଗତକାଲି ରାତିରେ ଦୁର୍ବୃତ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ତାଲା ଭାଙ୍ଗି ଭିତରେ ପଶିଥିଲେ। ଦାୟିତ୍ୱହୀନତା ଏମିତି ଯେ, ନିର୍ବାଚନ ଉପବିଭାଗ କକ୍ଷରେ ତାଲା ମଧ୍ୟ ପଡ଼ିନଥିଲା। ତେଣୁ ଅତି ସହଜରେ ଏହି କକ୍ଷରେ ଚୋର ପଶିଥିଲେ। ଏହାପରେ ପାର୍ଶ୍ୱରେ ଥିବା ଡେପୁଟି କଲେକ୍ଟରଙ୍କ କକ୍ଷର କବାଟ ଭାଙ୍ଗିଥିଲେ। ଉଭୟ କକ୍ଷରୁ ୪ଟି କଂପ୍ୟୁଟର ମନିଟର, ପ୍ରିଣ୍ଟର ଓ ଦୁଇଟି ସିପିୟୁ ଚୋରି କରିଥିଲେ। ଚୋରି ସାମଗ୍ରୀ ନେବାକୁ ଦୁଇଟି ଡୋର କଟନ୍ ବି କାଢ଼ି ନେଇଛନ୍ତି। ଆଜି ସକାଳେ କର୍ମଚାରୀ ପହଞ୍ଚିବା ପରେ ଚୋରି ହୋଇଥିବା ଦେଖିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି କଲେକ୍ଟର ତଥା ନିର୍ବାଚନ ବିଭାଗ ଅଧିକାରୀ ପି. ମନସ୍ୱିତା ନବରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟରେ ଲାଗିଥିବା ସିସି କ୍ୟାମେରା ମଧ୍ୟରୁ କିଛି ଅଚଳ ହୋଇ ରହିଥିବା ଜଣାପଡ଼ିଛି। ତେଣୁ ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କଷ୍ଟକର ହେବ। ସେହିପରି ଏତେବଡ଼ କାର୍ଯ୍ୟାଳୟ ପାଇଁ ଜଣେ ମାତ୍ର ରାତ୍ର ଜଗୁଆଳିଙ୍କୁ ନିୟୋଜିତ କରାଯାଇଛି। ଯାହା ଅନେକ ପ୍ରଶ୍ନ ସହ ସନ୍ଦେହ ସୃଷ୍ଟି କରୁଛି। ବଡ଼କଥା ହେଲା ଯେଉଁ ବିଭାଗର କଂପ୍ୟୁଟର ଚୋରି ହୋଇଛି ସେଥିରେ ନିର୍ବାଚନ ସଂପର୍କିତ ତଥ୍ୟ ରହିଛି। ଯାହାର ଅପବ୍ୟବହାର ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

କୁକର୍ମକାରୀକୁ ୧୦ ବର୍ଷ ଜେଲ, ୧୦ ହଜାର ଜରିମାନା

କେନ୍ଦ୍ରାପଡ଼ା, ୩୧/୧୦ (ନି.ପ୍ର): ସ୍ୱାମୀ ଘରେ ନଥିବା ବେଳେ ଜବରଦସ୍ତ ଘରେ ରହି ମହିଳାଙ୍କୁ କୁକର୍ମ କରିଥିବା ଆସାମୀକୁ ୧୦ ବର୍ଷ ଜେଲ ଓ ୧୦ ହଜାଟ ଜରିମାନାରେ ଦଣ୍ଡିତ କରାଯାଇଛି । ଦୀର୍ଘ ୯ ବର୍ଷ ଧରି ମାମଲା ଚାଲିବା ପରେ କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଏହି ରାୟ ଶୁଣାଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ମଂଚେଶ୍ୱର ଥାନା ଅଧିନ ଓଷ୍ଠାପଡା ଗ୍ରାମର ତପନ କୁମାର ସାହୁ ପୀଡିତାଙ୍କ ସ୍ୱାମୀ ସହ ପାଟକୁରା ଥାନା ଅଧିନ ଗରଦପୁର ସ୍ଥିତ ତାଙ୍କ ଘରକୁ ଯିବା ଆସିବା କରିବା ଅବସରରେ ୨୦୧୪ ମସିହା ଫେବୃଆରୀ ୨୬ ତାରିଖରେ ସ୍ୱାମୀ ନଥିବା ବେଳେ ପୀଡିତାଙ୍କ ଘରକୁ ଯାଇ ରାତିରେ ସଂପୃକ୍ତ ମହିଳାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ । ପରବର୍ତୀ ଅବସ୍ଥାରେ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରି ଦେବାପାଇଁ ଉଦ୍ୟମ କରିଥିବା ନେଇ ପାଟକୁରା ଥାନା କେଶ ନଂ-୧୬୦/୧୫ ଏବଂ ଜି.ଆର କେଶ ନଂ-୧୧୦୮/୧୫ , ଏସ.ଟି କେଶ ନଂ- ୯/୧୯ ଦଫା- ୩୭୬, ୫୦୬ ଆଇ.ପି.ସି. ଆଧାରରେ ମାନ୍ୟବର ଆଡହକ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନେରା ୧୪ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତି କରି ଆସାମୀ ତପନକୁ ୧୦ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ଜେଲ ଦଣ୍ଡ ପାଇବ । ଏହି ମାମଲାକୁ ସରକାରୀ ଓକିଲ ସଂଜୟ କୁମାର ଜେନା ପରିଚାଳନା କରିଥିଲେ।

କାଗଜ କଳ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ଜୟପୁର, ୩୧/୧୦ (ନି.ପ୍ର): ଜୟପୁରର ଏକ ମାତ୍ର ବୃହତ ଶିଳ୍ପ କାଗଜ କଳର ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି । ସେବା ପେପର ମିଲ ର କର୍ମଚାରି ସଂଘ ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ସୋମବାର ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କାଗଜ କଳର ସମସ୍ୟା ସମାଧାନ ପାଇଁ ଜିଲାପାଳ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରି ପୁଣ୍ଣ କାଯ୍ୟକ୍ଷମ କରାଯାଉ, କୋଭିଡ ଆଳରେ ଦିଆଯାଇନଥିବା ଦରମା ଦିଆଯାଉ, ପେନସନ, ଗ୍ରାଚ୍ୟୁଇଟି, ଅବସରପ୍ରାପ୍ତ କର୍ମଚାରିଙ୍କ ବକେୟ ଟଙ୍କା ପ୍ରଦାନ କରାଯାଉ ଆଦି ଉଲ୍ଲେଖ ରହିଛି ।

ଗଣଶିକ୍ଷା ବିଭାଗକୁ ଘାରିଲା ମାଟ୍ରିକ୍ ପିଲାଙ୍କ ଚିନ୍ତା: ତେଲଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ, ଦିନକୁ ୧୦ରୁ ୧୪ ଘଣ୍ଟା ପଢ଼ନ୍ତୁ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀ ଦୈନିକ ୧୦ରୁ ୧୪ ଘଣ୍ଟା ପଢ଼ିବା ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ। ବାକି ସମୟ ଅନ୍ୟାନ୍ୟ କାର୍ଯ୍ୟରେ ଲଗାନ୍ତୁ। ରାତି ୧୦ଟାରୁ ଭୋର ୪ଟା କିମ୍ବା ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଶୋଇବେ। ଉଠିବା ପରେ ଯୋଗ ବ୍ୟାୟାମ କରିବା ଦ୍ୱାରା ମନ ଫୁର୍ତ୍ତି ଓ ଏକାଗ୍ରତା ବଢ଼ିଥାଏ। ପରୀକ୍ଷା ସମୟରେ ବାହାର ତେଲଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀର ଭାରି ଲାଗି ନିଦ ଲାଗିବ। ତେଣୁ ସବୁବେଳେ ସନ୍ତୁଳିତ ଓ ସୁଷମ ଖାଦ୍ୟ ଗ୍ରହଣ କରିବେ। ଦିନକୁ ୬ରୁ ୮ ଗ୍ଲାସ ଉଷୁମ ପାଣି ପିଇବା ଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଯିବ। ଦିନକୁ ୫ଟି ଅଧିବେଶନରେ ବିଭକ୍ତ କରି ପଢ଼ିବେ। ଶୋଇବା ପୂର୍ବରୁ ଗରମ କ୍ଷୀର କିମ୍ବା ନଖ ଉଷୁମ ଲେମ୍ବୁପାଣି ପିଇଲେ ଭଲ ନିଦ ହେବ। ଫଳରେ ପରଦିନ ମନ ଫୁର୍ତ୍ତି ରହିବା ସହ ପଢ଼ିବାକୁ ଆଗ୍ରହ ଆସିବ। ମାଧ୍ୟମିକ

ଉଦଳାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଉଦଳା , ୩୧/୧୦ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୯ ତମ ଜୟନ୍ତି 'ରାଷ୍ଟ୍ରୀୟ ଏକତା ଦିବସ' ଉଦଳାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଗଣଦୌଡ଼, ଆଲୋଚନା ଚକ୍ର, ଓ ଶପଥ ପାଠର ପର୍ବ ଅନୁଷ୍ଠିତ ହୋଇଥିଲା । ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ପୁର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରକାଶ ନାୟକ, ବଣିକ ସଂଘର ସଂପାଦକ ଧିରେନ୍ଦ୍ର ଖଣ୍ଡେଲୱାଲ ଓ ବିଭୁତି ମହାନ୍ତ ପ୍ରମୁଖ ଆଜିର ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ରାଷ୍ଟ୍ର ଗଠନରେ ଲୌହ ମାନବ ସର୍ଦ୍ଦାର ପଟେଲଙ୍କର ଭୂମିକା କିପରି ଥିଲା ସେ ସମ୍ପର୍କରେ ନଗରପାଳ ପ୍ରମିଳା ପଣ୍ଡା ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରକାଶ ନାୟକ ବିସ୍ତୃତ ବର୍ଣ୍ଣନା କରିଥିଲେ । ଗଣଦୌଡ଼ରେ ସ୍ଥାନୀୟ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର ଓ ଶ୍ରୀ ମା' ଶିକ୍ଷା ନିକେତନର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଦେଶର ଅଖଣ୍ଡତା ରକ୍ଷା ପାଇଁ ସମସ୍ତେ ଶପଥ ପାଠ କରିଥିଲେ ।

ଜାତୀୟ ଏକତା ଦିବସ ପାଳିତ

ଭୋଗରାଇ, ୩୧/୧୦ (ନି.ପ୍ର): ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାରବାଟିଆ ତରଫରୁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ଏକତା ଦିବସ ପାଳିତ ହୋଇ ଯାଇଛି । ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦିବସରେ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ଖଟୁଆ ପୌରହିତ୍ୟ କରି ଏକତା ଦିବସର ଅନୁଚିନ୍ତା ଓ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ତଥା ଉପ ପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ

ପଟେଲଙ୍କ ତ୍ୟାଗପୂତ ଜୀବନାଦର୍ଶ ଓ ଦେଶଭକ୍ତି ସଂପର୍କରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ପ୍ରଦୀପ କୁମାର ପରିଡା ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସେବା ମନୋବୃତ୍ତି ନେଇ ଆଗକୁ ବଢିବା ପାଇଁ ଶପଥପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଜୟ କୁମାର ପ୍ରଧାନ, ସଞ୍ଜୀବ କୁମାର ହାତୀ, ଅଧ୍ୟାପିକା ଦୀପାଳି ମହାନ୍ତି ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ । ଶେଷରେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଆମ ଓଡିଶା ନବୀନ ଓଡିଶାରେ ଖଇରା ବ୍ଲକ ପାଇଁ ସାଢେ ୧୮କୋଟି

ଖଇରା, ୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକରେ ଆମ ଓଡିଶା ନବୀନ ଓଡିଶା ରେ ୪୪୭ଟି ପ୍ରକଳ୍ପ ପାଇଁ ୧୮କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଯାହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲି ଏହାର ଶୁଭାରମ୍ଭ କରିଛନ୍ତି । ପ୍ରଥମେ ୫ଟି ଏବଂ ଆମ ଓଡିଶା ନବୀନ ଓଡିଶାର ଅଧ୍ୟକ୍ଷ ଭିକେ ପାଣ୍ଡିଆନ ସୂଚନା ପ୍ରଦାନ ଅବସରରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ଖଇରା ସିମୁଳିଆ ପାଇଁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ । ମିଶନ ଶକ୍ତି ପାଇଁ ୧କୋଟି ୮୫ଲକ୍ଷ, ବିଦ୍ୟାଳୟର ଉନ୍ନତିକରଣ ପାଇଁ ୨କୋଟି ୭୫ଲକ୍ଷ,କ୍ରୀଡା ପାଇଁ ୩କୋଟି ୧ଲକ୍ଷ,ଜଗନ୍ନାଥ ମନ୍ଦିର ଓ ସଂସ୍କୃତି

ସୁରକ୍ଷା ପାଇଁ ୩କୋଟି ୨୩ଲକ୍ଷ,କୋଠ ଘର ନିର୍ମାଣ ପାଇଁ ୭କୋଟି ୬୯ଲକ୍ଷ ଟଙ୍କା ପ୍ରଦାନ କରାଯିବା ସମ୍ପର୍କରେ ସୁଚନା ପ୍ରଦାନ କରାଯାଇଥିଲା । ଅଧକ୍ଷ ପାଣ୍ଡିଆନ ସୂଚନା ଅବସରରେ କୁପାରୀ ମୌଜାରେ ୮୦ଏକର ଜମିରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଯୋଜନାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି । ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ପରେ ଖଇରା ହାଇସ୍କୁଲ ପଡିଆରେ ଉପସ୍ଥିତ ଥିବା ହଜାର ହଜାର ଜନସାଧାରଣ କରତାଳି ଦେଇ ସ୍ୱାଗତ କରିଥିଲେ । ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସୂଚନା ପ୍ରଦାନ ଅବସରରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ୫-ଟି ବିଭିନ୍ନ କଲେଜ ,ସ୍କୁଲ ଅନ୍ତର୍ଭୁକ୍ତ ହେବା ପରେ ଏବେ ପିଲା ମାନେ ଘରୋଇ ସ୍କୁଲରୁ ମୁହଁ ଫେରାଇ ସରକାରୀ ସ୍କୁଲ ପ୍ରତି ଆକର୍ଷିତ ହେଉଥିବା ସୂଚନା ଦେଇଥିଲେ । ସ୍ୱାଧିନତା ପରଠାରୁ ଉତ୍କଟ ଜଳାଭାବ ଦେଖାଦେଉଥିବା କୁପାରୀ ଭଳି ପାହାଡିଆ ଅଞ୍ଚଳ ପାଇଁ ୧୦୦କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ନିର୍ମାନ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଡିଓ ଅନନ୍ତ କୁମାର ହାଁସଦା,ତହସିଲଦାର ପ୍ରଶାନ୍ତ କୁମାର ମହାରଣା,ଆଇଆଇସି ଗୟାଧର ବେହେରା,ମୁଖ୍ୟକିରାଣି ବ୍ରହ୍ମାନନ୍ଦ ଦାସ,ସିପି ଶଶିକାନ୍ତ ଦାସ, ସୌମ୍ୟ ରଞ୍ଜନ ନାୟକ, ପ୍ରିତମ ନାୟକ, ଜ୍ୟୋତି ପ୍ରକାଶ ମହାପାତ୍ର, ଦିଲ୍ଲିପ ମହାପାତ୍ର, ଶଶିଶେଖର ଦାସମହାପାତ୍ର, ଗୟାଧର ମହାନ୍ତି, ସୁସାନ୍ତ ଲେଙ୍କା, ଅଜୟ ଓଝା, ମିଲନ ପତ୍ରୀ, ମନୋଜ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ଏକ ଶୋଭାଯାତ୍ରା ବ୍ଲକ ଛକରୁ ବାହାରି ଖଇରା ହାଇସ୍କୁଲରେ ପହଞ୍ଚିଥିଲା ।

ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର , ୩୧/୧୦ (ନି.ପ୍ର): ଶିକ୍ଷକ ଯିଏ କି ବିଶ୍ୱରେ ଦ୍ୱିତୀୟ ଗୁରୁ ରୂପେ ସ୍ଥାନ ପାଇଛନ୍ତି ନିଃସ୍ୱାର୍ଥପର କାର୍ଯ୍ୟ ବିଷୟରେ ଜାଣିଥିବେ ଯିଏ କି ନିଜ ଘର ଭଳି ସ୍କୁଲକୁ ମଧ୍ୟ ସୁନ୍ଦର ଶୋଭିତ ବିଦ୍ୟାମନ୍ଦିର ସ୍ଥାପନ କରିଥାନ୍ତି । ପିଲାମାନଙ୍କ ଭବିଷ୍ୟତ କିପରି ଭଲ ହେବ, କିପରି ଭଲ ପାଠ ପଢ଼ି ନିଜ ସ୍କୁଲ, ଗାଁ, ବାପା ମା ଓ ଶିକ୍ଷକଙ୍କୁ ଗର୍ବ ଅନୁଭବ କରାଇବେ ସ୍କୁଲ କିପରି ସଫା ସୁତୁରା ରହିବ ସେ ଚିନ୍ତାରେ ସବୁ ଥାନ୍ତି । ଆଉ ଏମିତି ହିଁ ଜଣେ ଶିକ୍ଷକ ଦେଖିବାକୁ ମିଳିଛନ୍ତି ।ବସ୍ତା ବ୍ଲକ୍ ପୁଟୁରା ପଞ୍ଚାୟତ ଅନ୍ତର୍ଗତ କମାରଗଡିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସନ୍ତୋଷ କୁମାର ବେହେରା । ଆଜି ତାଙ୍କର ସରକାରୀ ନିୟମାନୁସାରେ ଶେଷ ଦିନ ଅର୍ଥାତ୍ ଅବସରପ୍ରାପ୍ତ ସମୟ

। ତାଙ୍କର ମହାନ୍ ଗୁଣ, ସ୍ୱାର୍ଥହୀନ ଜନୈକ ସ୍ୱଭାବ ଓ ସମସ୍ତଙ୍କ ପ୍ରତି ଭଲ ପାଇବା ଯୋଗୁଁ ଆଜି ତାଙ୍କୁ କ୍ଲଥଷ୍ଟାର ଶିକ୍ଷକ ସଂଘ, ବିଦ୍ୟାଳୟ,ଏବଂ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଆଜି ତାଙ୍କ ଅବସର ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ ବିଶିକେଶନ ମହାନ୍ତିଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା ମୁଖ୍ୟବକ୍ତା ଆଚାର୍ଯ୍ୟ ବିଜୟଜୀ , ସମ୍ମାନିତ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଲଲାଟେନ୍ଦୁକେଶରୀ ଜେନା, ସମାଜସେବୀ ତଥା ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ପୂର୍ବତନ ବି. ଆର. ସି. ସି. ଶ୍ରୀକାନ୍ତ ସିଟ୍, କୁଶଧ୍ୱଜ ପାତ୍ର, ଧନଞ୍ଜୟ ବେହେରା ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସୃଷ୍ଟିଧର ମାନ୍ନା ପ୍ରମୁଖ ଯୋଗ ଦେଇ ଥିଲେ । ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଭାଗୀରଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ , ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ ।

ସିଙ୍ଗଲ ୱିଣ୍ଡୋ ବୈଠକରେ ୧୨ଟି ନୂଆ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ୧୨୩ ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ ବୈଠକରେ ମୋଟ ୧୨ଟି ପ୍ରକଳ୍ପକୁ ମଂଜୁରୀ ପ୍ରଦାନ କରାଯାଇଛି୍ । ଏହି ୧୨ଟି ପ୍ରକଳ୍ପରେ ମୋଟ ୨୭୯୪.୪୭ କୋଟି ଟଙ୍କା ପୁଂଜି ବିନିଯୋଗ ହେବ । ସେହିପରି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଲେ ମୋଟ ୪୭୧୫ ଜଣ ନିଯୁକ୍ତି ପାଇବେ । ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ସୁତ୍ରରୁ ଏହି ସୂଚନା ମିଳିଛି ।

ପୂର୍ବତନ ସରପଞ୍ଚ ଦୀନବନ୍ଧୁ ବେହେରାଙ୍କ ପରଲୋକ

ନୀଳଗିରି, ୩୧/୧୦ (ନି.ପ୍ର): ନୀଳଗିରି ବ୍ଲକ ଅବିଭକ୍ତ ବରହମପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ , ଶିକ୍ଷାବିତ, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ବରହମପୁର ମହାବିଦ୍ୟାଳୟ,ସ୍ୱାଧିନତା ଦିବସ ପାଳନ କମିଟିର ପୂର୍ବତନ ସଭାପତି ତଥା ନୀଳଗିରି ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଦୀନବନ୍ଧୁ ବେହେରାଙ୍କ ୮୨ ବର୍ଷ ବୟସରେ ମଙ୍ଗଳବାର ପୂର୍ବାହ୍ନରେ ବରହମପୁର ସ୍ଥିତି ବାସଭବନରେ ପରଲୋକ ହୋଇଛି ।ଦୀର୍ଘଦିନ ଧରି ଅସୁସ୍ଥତା କାରଣରୁ ଦୀନବନ୍ଧୁ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ,ବ୍ଲକର ପୂର୍ବତନ ଉପାଧକ୍ଷ ରାମଚନ୍ଦ୍ର ଜେନା, ବରହମପୁରର ପୂର୍ବତନ ସରପଞ୍ଚ ଚନ୍ଦ୍ରମୋହନ ସିଂ, ପୂର୍ବତନ ସମିତିସଭ୍ୟ ଅକ୍ଷୟ ବେହେରା, ସମିତିସଭ୍ୟ କୃତିବାସ ବେହେରା,ରଚନା ନାୟକ ,ସରପଞ୍ଚ ନମିତାମଣୀ ସିଂ,ଶ୍ରମିକ ନେତା ଚନ୍ଦନ କୁମାର ରାଉତ ସମେତ ବହୁ ରାଜନେତା ଓ ବୁଦ୍ଧିଜୀବି ଉପସ୍ଥିତ ରହିଥିଲେ ।ନାମ ସଂକୀର୍ତ୍ତନ ଦ୍ୱାରା ବଜାର ପରିକ୍ରମା କରାଯାଇ ବରହମପୁର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

EXPRESSION NOTICE

C-1711

Expression of interest in sealed covers is invited from the interested Architects having experience for **"Preparation of DPR relating to installation of LPG Crematorium at Balighat in W.N-24 under Balasore Municipality and other developmental work of Balasore Municipality as and when required till 30.11.2024 "**. They are required to quote the rate on percentage basis of project cost. They should submit the true copy of experience certificate of similar nature of work both LPG Crematorium(Mandatory) and other works like park, kalyan Mandap etc. They are required to submit the EMD for Rs.5000/- in shape of Banka draft duly pledged in favour of Executive Officer, Balasore Municipality. The copy of PAN card, Farm Registration certificate, Aadhar Card and experience certificate should be enclosed along with E.O.I . The date of receipt of E.O.I is from Dt.30.10.2023 to 08.11.2023 at 12.00 Noon and to be submitted to the Executive Officer, Balasore Municipality with Regd/Speed Posting to BalasoreMunicipality,Motiganj,Balasore-756003 duly super scribing the subject matter on the envelop i.e. EOI for preparation of DPR for installation of LPG crematorium at Balaighat in W.N-24 and other developmental work of Balasore Municipality, the same will be opened on Dt.08.11.2023 at 1.00 p.m. in presence of the Architects or their authorized representative. E.O.I received after due date and time shall not be entertained. E.O.I without experience certificate from competent authority shall liable for rejection.

The authority have every rights to reject any or all E.O.I. without assigning any reason thereof.

Executive Officer
Balasore Municipality

OIPR: 13154/11/0039/2324

ପୂର୍ବତଟ ରେଳପଥ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା ଆଜି ରେଳ ସଦନ ଠାରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ରକ୍ଷା ପାଇଁ ଉତ୍ସର୍ଗୀକୃତ ହେବା ଏବଂ ରାଷ୍ଟ୍ରିୟ ଏକତା ଦିବସରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦର୍ଶନ ଏବଂ କର୍ମ ଉପରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଛନ୍ତି । ରାଷ୍ଟ୍ରୀୟ ଏକତା ଦିବସକୁ ସ୍ମରଣୀୟ କରିବା ପାଇଁ ଆଜି ସକାଳେ ରେଳବାଇ କର୍ମଚାରୀ, ରେଳ ସୁରକ୍ଷା ବଳ ଓ ଅଧିକାରୀମାନଙ୍କୁ ନେଇ ଆୟୋଜିତ 'ରନ୍ ଫର୍ ୟୁନିଟି' ରାଲିକୁ ସବୁଜ ପତାକା ଦେଖାଇ ମହାପ୍ରବନ୍ଧକ ଶ୍ରୀ ଶର୍ମା ଶୁଭାରମ୍ଭ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

ବିରୋଧୀଙ୍କ ମୋବାଇଲରେ...

ଫୋନ୍ କୁ ଆସିଥିବା ଏହି ଆଲର୍ଟ ମ୍ୟାସେଜ୍ରେ କୁହାଯାଇଛି, ଯଦି ଆପଣଙ୍କ ଡିଭାଇସ ସହ କୌଣସି ସରକାର ପ୍ରାୟୋଜିତ ଆକ୍ରମଣକାରୀଙ୍କ ଦ୍ୱାରା ହ୍ୟାକ୍ କରାଯାଇଛି, ତେବେ ସେମାନେ ହୁଏତ ଆପଣଙ୍କ ଫୋନରୁ ସମ୍ବେଦନଶୀଳ ତଥ୍ୟ, ଯୋଗାଯୋଗ ଓ କ୍ୟାମେରା ଏବଂ ମାଇକ୍ରୋଫୋନକୁ ବ୍ୟବହାର କରିପାରନ୍ତି । ଆପଲ କମ୍ପାନୀ ନିଜେ ଏହି ମ୍ୟାସେଜ୍ ପଠାଇ ଫୋନ୍ ହ୍ୟାକ୍ କରିବାକୁ ଉଦ୍ୟମ କରାଯାଉଥିବା ନେଇ ସୂଚନା ଦେଇଛି ବୋଲି ଏହି ନେତାମାନେ ଦାବି କରୁଛନ୍ତି । କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟାଳୟର ୩ଜଣଙ୍କୁ ମଧ୍ୟ ଏପରି ମ୍ୟାସେଜ୍ ଆସିଥିବା ସୂଚନା ମିଳିଛି । ଏହି ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ରାହୁଲ ଗାନ୍ଧୀ । ସେପଟେ ବିଭାଗୀୟ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୧୫୦ ଦେଶକୁ ଏପରି ଆଲର୍ଟ ମ୍ୟାସେଜ ପଠାଇଛି ଆପଲ୍ । ତେବେ ବିରୋଧୀ ନେତା କରିଥିବା ଏପରି ଅଭିଯୋଗର ଯାଂଚ କରିବେ ସରକାର । ସେପଟେ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛି ଆପଲ୍ ।

ନିଷ୍ପତ୍ତିରୁ ଓହରିଲା ...

ସରକାର ଯଦି 'ଲକ୍ଷ୍ମୀ' ଯୋଜନାରେ ଆସନ୍ତାକାଲିଠୁ କଳାହାଣ୍ଡିର ବିଭିନ୍ନ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟକୁ ବସ୍ ଚଳାଚଳ କରନ୍ତି ତା'ହେଲେ ଧର୍ମଘଟ କରାଯିବ ବୋଲି କହିଥିଲେ । କେବଳ ସେତିକି ନୁହେଁ, ରାଜନୀତିକ ଦଳଗୁଡ଼ିକର କାର୍ଯ୍ୟକ୍ରମକୁ ଲୋକଙ୍କ ପରିବହନ ନିମନ୍ତେ ସେମାନଙ୍କର ବସକୁ ଦିଆଯିବ ନାହିଁ ବୋଲି ଘରୋଇ ବସ୍ ମାଲିକମାନେ ନିଷ୍ପତ୍ତି ନେଇଥିବା ସେ କହିଥିଲେ। ଆଜି ରାଜ୍ୟ ସରକାରଙ୍କ ସହ ପୁଣିଥରେ ବସ୍ ମାଲିକ ସଂଘର ଆଲୋଚନା ହୋଇଛି । ସରକାର ମଧ୍ୟ ଘରୋଇ ବସ୍ ମାଲିକମାନଙ୍କର ବ୍ୟବସାୟିକ କ୍ଷତି ହେବା ଭଳି ପଦକ୍ଷେପ ନେବେ ନାହିଁ ବୋଲି ବାରମ୍ବାର ଆଶ୍ୱସ୍ତ କରୁଛନ୍ତି ।

ଆଇପିଏସ ସ୍ତରରେ ...

ଏଚ୍ଆରପିସି (ମାନବାଧିକାର ସୁରକ୍ଷା ସେଲ୍) ଭାବେ ବଦଳି କରାଯାଇଛି । ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ୍‌ରେ ଅତିରିକ୍ତ ପୁଲିସ୍ କମିଶନର ଥିବା ୨୦୦୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଉମାଶଙ୍କର ଦାଶଙ୍କୁ ରାଜ୍ୟ ଗୁଇନ୍ଦା ଶାଖା (ଏସ୍ଆଇଡବ୍ଲ୍ୟୁ)ର ଡିଆଇଜି ଭାବେ ବଦଳି କରାଯାଇଛି । ପୁଲିସ୍ ମୁଖ୍ୟାଳୟରେ ଡିଆଇଜି ଭାବେ ଅବସ୍ଥାପିତ ହୋଇଥିବା ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବ୍ରିଜେଶ କୁମାର ରାୟଙ୍କୁ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ୍‌ରେ ଅତିରିକ୍ତ ପୁଲିସ୍ କମିଶନର ଭାବେ ବଦଳି କରାଯାଇଛି । ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଅନୁଗୋଳରେ ଅବସ୍ଥାପିତ ହୋଇଥିଲେ ବ୍ରିଜେଶ କୁମାର ରାୟ ।

ବିଜେପି ଗଢ଼ିଲା ୬୩ଜଣିଆ...

ଏହି ଟିମ୍ ଘୋଷଣା ହୋଇଛି । ରାଜ୍ୟ ବିଜେପିର ସୋସିଆଲ ମିଡିଆ ଟିମ୍ ରାଜ୍ୟ ସହସଂଯୋଜକ ଭାବେ ଚିନ୍ମୟ ପଣ୍ଡା ଓ ସୂଚରିତା ଜେନାମଣିଙ୍କୁ ସାମିଲ କରାଯାଇଛି । ୧୨ଜଣ କୋର୍ ଟିମ୍ ସଦସ୍ୟ ଭାବେ ଅର୍ଜୁନ ଜଗତ, ବବଲୁ ମହାନ୍ତି, ବିରଂଚି ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଓଝା, ମାନସୀ ମଞ୍ଜରୀ ରାୟ, ମନୋଜ କୁମାର ବେହେରା, ପ୍ରଦୀପ୍ତ ଜେନା, ପ୍ରକାଶ ଚନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ଶିଳ୍ପା ଗିରିଗୋସ୍ୱାମୀ ଓ ଶ୍ରୀନିବାସ ପଣ୍ଡାଙ୍କୁ ସ୍ଥାନ ମିଳିଛି । ସେହିପରି ରାଜ୍ୟ ସୋଶାଲ ମିଡିଆ କାର୍ଯ୍ୟକାରିଣୀରେ ୩୬ଜଣ ଜିଲ୍ଲା ସୋଶାଲ ମିଡିଆ ପ୍ରଭାରୀଙ୍କ ସମେତ ମୋଟ ୪୯ ଜଣଙ୍କୁ ମନୋନୀତ କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ନିଜର ସୋଶାଲ ମିଡିଆ ଟିମକୁ ସୁଦୃଢ଼ କରି ରାଜ୍ୟବାସୀଙ୍କ ନିକଟତର ହେବାକୁ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି ।

ହାଜର ହେଲେନି ....

ଆଇପିସି ୨୦୫ ଧାରାରେ ବ୍ୟକ୍ତିଗତ ହାଜିରାରୁ ବାଦ ଦେବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି। ତାଙ୍କ ସ୍ଥାନରେ ଓକିଲଙ୍କ ଜରିଆରେ ମାମଲା ପରିଚାଳନା କରିବାକୁ ବି ସେ ଗୁହାରି କରିଛନ୍ତି। ଅପରପକ୍ଷେ, କୁଳମଣି ବରାଳଙ୍କ ପୁଅ ଆଇପିସି ଧାରା ୨୦୫କୁ ଖାରଜ କରିବାକୁ ଆବେଦନ କରିଛନ୍ତି। ସେ କହିଛନ୍ତି, ଏହି ହତ୍ୟା ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଜେଲ୍‌ରେ ଅଛନ୍ତି। ପ୍ରତାପ ଜେନା ବି ଏହି ମାମଲାର ଜଣେ ଅଭିଯୁକ୍ତ ହୋଇଥିବାରୁ ତାଙ୍କୁ ବି ପ୍ରତ୍ୟେକ ଶୁଣାଣିରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ କୋର୍ଟଙ୍କୁ ଜଣାଇଛନ୍ତି। ଏହା ବ୍ୟତୀତ ସେ ଆଉ ଏକ ଆବେଦନରେ ମୂଳ ମାମଲାରେ ହୋଇଥିବା ଜିଆର କେସ୍ ନଂରେ ପ୍ରତାପ ଜେନାଙ୍କ ମାମଲାକୁ ଯୋଡ଼ିବାକୁ ବି ଆବେଦନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଜାନୁୟାରୀ ୨ରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ ହତ୍ୟା ମାମଲାରେ ସମୁଦାୟ ୧୩ ଜଣଙ

ବୁଧବାର, ନଭେମ୍ବର ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ

ଭଦ୍ରକ , ୩୧/୧୦ (ନି.ପ୍ର): ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ର । ବ୍ରେନ୍‌ଷ୍ଟ୍ରୋକ ବା ମସ୍ତିଷ୍କାଘାତ ଆଜି ସାରା ବିଶ୍ୱରେ ଏକ ବଡ଼ ଜନସ୍ୱାସ୍ଥ୍ୟ ଆହ୍ୱାନ ହୋଇଛି । ପରିବର୍ତ୍ତିତ ଜୀବନ ଶୈଳୀ, ଖାଦ୍ୟ ଅଭ୍ୟାସ, ଉଚ୍ଚ ରକ୍ତଚାପ, ଅନିୟମିତ ମଧୁମେହଭଳି ଅନେକ କାରଣଯୋଗୁଁ ବର୍ତ୍ତମାନ ଷ୍ଟ୍ରୋକର ମାମଲା ବଢ଼ିବାରେ ଲାଗିଛି । ତେଣୁ ଷ୍ଟ୍ରୋକ ମୁକ୍ତ ଜୀବନ ପାଇଁ ଏହାର କାରଣ, ଲକ୍ଷଣ, ଚିକିତ୍ସା ଏବଂ ଷ୍ଟ୍ରୋକ ପରବର୍ତ୍ତୀ ପରିଚାଳନା ବିଷୟରେ ଅବଗତ ହେବା ଜରୁରୀ । ମେଡ଼ିସିନ୍ ବିଶେଷଜ୍ଞ ଏ ବିଷୟରେ ସବିଶେଷ ଆଲୋଚନା କରିଥିଲେ । ଡାକ୍ତର ଭରତ ଚନ୍ଦ୍ର ସାମଲ, ଡାକ୍ତର ମିନକେତନ ମହାନ୍ତି, ଡାକ୍ତର ସନ୍ତୋଷ କୁମାର ଜେନା ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାରତୀ ରାଉତ, ମହାମାରୀ ବିଶେଷଜ୍ଞ ଡା. ପାର୍ଥସାରଥି ମିଶ୍ର, ଡି.ପି.ଏମ୍ ସରିତା ମହାପାତ୍ର, ଡି.ଏ.ଏମ୍ (ଜିଲ୍ଲା ଆକାଉଣ୍ଟ ମେନେଜର) ନିଲେସ୍ ପଟ୍ଟ ନାୟକ, କଳ୍ପନା ସାମଲ, ଦିପକ ରାଉତ, ସୁଷାନ୍ତ ରାଉତ ଆଦି ଯୋଗ ଦେଇଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ସଂପାଦକ କୈଳାସ ମହାପାତ୍ର ଆଇ.ଏମ୍.ଏ.ଉପଦେଷ୍ଟା ଡ଼ାକ୍ତର ହରିହର ନାୟକ ଆଦି ଏହି ସଭାରେ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନା କରିଥିଲେ ଶ୍ରୀମତୀ ଅନୀତା ରାଣୀ ରାଉତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଏବଂ ଯୋଗାଯୋଗ ଅଧିକାରୀ ।

ରାଷ୍ଟ୍ରୀୟ ଏକତା ଦିବସ- ୨୦୨୩ ଶପଥ ପାଠ ଅନୁଷ୍ଠିତ

ବାଲେଶ୍ୱର , ୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି କଲେକ୍ଟୋରେଟ୍ ପରିସରରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ସକାଳ ଘ. ୧୦.୩୦ ଟା ସମୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ଓ ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀବୃନ୍ଦଙ୍କୁ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କରାଇଥିଲେ । ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବାକୁ ନିଜକୁ ସମର୍ପିତ କରିବା ପାଇଁ ଏହି ସଭାରେ ଉପସ୍ଥିତ ଅଧିକାରୀମାନେ ଏକତ୍ରିତ ହୋଇ ଶପଥ ପାଠ କରିଥିଲେ ଓ ଏହି ଶପଥ ପାଠ ମାଧ୍ୟମରେ ସମଗ୍ର ଦେଶବାସୀଙ୍କ ମଧ୍ୟରେ ଏହି ବାର୍ତ୍ତା ପ୍ରେରଣ କରିବା ପାଇଁ ସମସ୍ତ ଅଧିକାରୀଗଣ ସଂକଳ୍ପ ନେଇଥିଲେ । ଯଥାରୀତିରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରାଇବା ପାଇଁ ସମସ୍ତେ ନିଜର ସମ୍ପୂର୍ଣ୍ଣ ଯୋଗଦାନ ପାଇଁ ସତ୍ୟନିଷ୍ଠ ବୋଲି ଶପଥ ନେଇଥିଲେ । ଏଥି ସହିତ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନୀତି ଓ ଆଦର୍ଶରେ ନିଜକୁ ଅନୁପ୍ରାଣିତ କରିବା ପାଇଁ ଶ୍ରୀ ଭୂୟାଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବାପାଇଁ ଆଶାପୋଷଣ କରିଥିଲେ । ଏହି ଶପଥ ପାଠ ସମାରୋହରେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଓ ସହକାରୀ ଜିଲ୍ଲାପାଳ ଶ୍ରୀ ଜଗନ୍ନାଥ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ।

ବାଲେଶ୍ୱରରେ ଏଆଇଟିୟୁସିର ୧୦୪ତମ ପ୍ରତିଷ୍ଠା ଦିବସ ସମାରୋହ ଅବସରରେ ଲାଲ୍ ପତାକା ଉତ୍ତୋଳନ ଉତ୍ସବ

ବାଲେଶ୍ୱର, ୩୧/୧୦ (ନି.ପ୍ର): ଭାରତବର୍ଷର ପ୍ରଥମ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସିର ୧୦୪ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ପାଳିତ ହୋଇଛି । ବାଲେଶ୍ୱର ସହରର ପଡୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସମ୍ମୁଖରେ ପୂର୍ବାହ୍ନ ଦଶଟାରେ ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ପ୍ରତିଷ୍ଠା ଦିବସ ଅବସରରେ ଲାଲ୍ ପତାକା ଉତ୍ତୋଳନ କରିଥିଲେ । ପରାଧୂନ ଭାରତବର୍ଷରେ ଗତ ୧୯୨୦ ମସିହା ଅକ୍ଟୋବର ୩୧ ତାରିଖ ଦିନ ବମ୍ବେ ସହରରେ ଏଆଇଟିୟୁସିର ଭିତ୍ତିସ୍ଥାପନ ହୋଇଥିଲା ବୋଲି ଶ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ପରାଧୂନ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଏହି ଶ୍ରମିକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ନିଜ ପେଟପାଟଣାର ଦାବି ସହ ବ୍ରିଟିଶ୍ ଶିଳ୍ପପତିମାନଙ୍କ ବିରୋଧରେ ଶ୍ରମିକ ଶ୍ରେଣୀ ମୁକ୍ତି ସଂଗ୍ରାମରେ ଯୋଗ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ବାଲ ଗଙ୍ଗାଧର ତିଲକଙ୍କୁ ବ୍ରିଟିଶ ସରକାରର ପୋଲିସ୍ ଗିରଫ କରିବା ପରେ ଏଆଇଟିୟୁସିର ଆହ୍ୱାନରେ ବମ୍ବେର ସମସ୍ତ କଳକାରଖାନାରେ ହୋଇଥିବା ଐତିହାସିକ ଧର୍ମଘଟ ବ୍ରିଟିଶ ବିରୋଧି ଆନ୍ଦୋଳନକୁ ତେଜିୟାନ କରିଥିଲା । ବାଧ୍ୟହୋଇ ବ୍ରିଟିଶ ପ୍ରଶାସନ ତିଲକଙ୍କୁ ମୁକ୍ତି ଦେଇଥିଲା । ପରାଧୀନ ଭାରତ ଓ ସ୍ୱାଧୀନତ ଭାରତରେ ମେହନତୀ ଜନଗଣଙ୍କ ସ୍ୱାର୍ଥରେ ଏଆଇଟିୟୁସିର ବହୁ ଗୌରବମୟ ସଂଗ୍ରାମ ଓ ତ୍ୟାଗ ଏଆଇଟିୟୁସିକୁ ଗୌରବାନ୍ୱିତ କରିଛି ବୋଲି ଶ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ଉପସ୍ଥିତ ସାଥୀମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଏଆଇଟିୟୁସିର ଜିଲ୍ଲା ସଂପାଦକ ଶ୍ୟାମସୁନ୍ଦର ଜେନାଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନରୁ ସର୍ବଶ୍ରୀ ଶରତ ଚନ୍ଦ୍ର ଦଳାଇ, ଭରତ ଚନ୍ଦ୍ର ସେଠୀ, ଜତିନ୍ ପାତ୍ର, ଆଶୁତୋଷ ପରିଡ଼ା, ବନ୍ଦନା ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଭଗବାନ ମାଝୀ, ସେକ୍ ମାଲିକ ଓ ମନ୍ମଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥବଲେ । ଆଜି ଅପରାହ୍ନରେ ପ୍ରତିଷ୍ଠା ଦିବସ ସମାରୋହ ଓ ସାଧାରଣ ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

ଅଗରଓ୍ୱାଲା ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ଶାରଦୀୟ ବନ୍ଧୁ ମିଳନ ଉତ୍ସବ

ବସ୍ତା, ୩୧/୧୦ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଦଳଦୀପଦାସ୍ଥିତ ଅଗରଓ୍ୱାଲା ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାପୀଠ ପରିସରରେ ଶାରଦୀୟ ବନ୍ଧୁ ମିଳନ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ପୂର୍ବତନ ପ୍ରଧାନ ଶିକ୍ଷକ ଡ. ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତନତ୍ୟ ପରିବେଷଣ କରିଥିଲେ । ଡ. ଆରାଧନା ନାୟକ ମଞ୍ଚ ପରିଚାଳନା କରିବା ସହ ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଛାତ୍ର ସଂସଦର ମାର୍ଗଦର୍ଶକ ଡ. କୁମାର ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସାରସ୍ୱତ ଅତିଥି ଭାବରେ ପୁରାତନ ଶିକ୍ଷକ ରତ୍ନାକର ପଣ୍ଡା, ବେଣୁଧର ପ୍ରଧାନ, ମହେଶ୍ୱର ଗିରି ଓ ରାଘବ ଚନ୍ଦ୍ର ମଲ୍ଲିକ ଗୁରୁ ଶିଷ୍ୟ ପରମ୍ପରା ଆଧାରିତ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ପୁରାତନ ଛାତ୍ରମାନଙ୍କ ମଧ୍ୟରୁ ସ୍ନେହଲତା ଦାସ, ବିଭୁବନ୍ଦିତା ନାୟକ, କନ୍ୟାକୁମାରୀ ନାୟକ, ରାମହରି ଦାସ, ଶ୍ରୀହରି ଦାସ, ଆଶିଷ ଚୌଧୁରୀ, ଏସଏମଡିସି ସଭାପତି ଲକ୍ଷ୍ମୀକାନ୍ତ ସାହୁ, ଆଲୁମିନା ସଭାପତି ଅନୀଲ କୁମାର ସାହୁ, ସରପଞ୍ଚ ଅଜୀତ କୁମାର ମହାପାତ୍ର, ଜ୍ୟୋତ୍ସ୍ନା ରାଣୀ ରଣା, ଦେବାଶିଷ ରଣା ପ୍ରମୁଖ ଅଗରଓ୍ୱାଲା ବିଦ୍ୟାପୀଠର ସୁମଧୁର ଗୁରୁ ପରମ୍ପରା ବିଷୟ ଉଲ୍ଲେଖ କରିଥିଲେ । ଶେଷରେ ଭବାନୀ ଶଙ୍କର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଶୋର ସାହୁ, ଶ୍ରୀକାନ୍ତ ନାୟକ, ଅତୁଲ ସାହୁ, ସାଗର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ୧୭୫ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦାନ କରି ପରସ୍ପର ସ୍ମୃତି ରୋମନ୍ଥନ କରଥିଲେ ।

'ଆମ ଓଡିଶା, ନବୀନ ଓଡିଶା'କୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ

ଜଳେଶ୍ୱର, ୩୧/୧୦ (ନି.ପ୍ର): ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ବାଲେଶ୍ୱର ଜିଲାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଜଳେଶ୍ୱରର ନେତାଜୀ ଷ୍ଟିଡିୟମ ପରିସରରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୩୫ଟି ପଂଚାୟତ ପାଇଁ ୩୮୬ଟି ପ୍ରକଳ୍ପ ଲାଗି ୧୭.୭ କୋଟି ଟଙ୍କା ଅନୁମୋଦନ କରିଥିବାର 'ଆମ ଓଡିଶା, ନବୀନ ଓଡିଶା'ର ଅଧ୍ୟକ୍ଷ ଭିକେ ପାଣ୍ଡିଆନ କହିଛନ୍ତି । ଏଥିରେ ଜଗନ୍ନାଥ ସଂସ୍କୃତି, ମନ୍ଦିର ସଂସ୍କରଣ, ଶିକ୍ଷାର ରୂପାନ୍ତରୀକରଣ, ସ୍ୱାସ୍ଥ୍ୟ ରୂପାନ୍ତରୀକରଣ, ନାରୀ ସଶକ୍ତିକରଣ, କ୍ରୀଡା ଓ ଯୁବ ସଶକ୍ତିକରଣ, ଡିଜିଟାଲ ସଂଯୋଗିକରଣ, ଗମାଗମନ, ପରିବହନ, ବ୍ୟାଙ୍କ ସେବା, କୃଷକ ସଶକ୍ତିକରଣ ବାବଦରେ ଏହି ସବୁ ଅର୍ଥ ଖର୍ଚ୍ଚ ହେବ ବୋଲି କହିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱରର ବିଧାୟକ ତଥା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଜଳେଶ୍ୱର ବ୍ଲକର ୩୫ଟି ପଂଚାୟତରେ ୫୪୧ ପ୍ରକଳ୍ପ ଲାଗି ୫୮୦.୫ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ସଂପର୍କରେ କହିଥିଲେ । ସୁବର୍ଣ୍ଣରେଖା ନଦୀର ଗୋବରଘଟା-ପ୍ରହରାଜପୁର ସେତୁଲାଗି ୧୫୦ କୋଟି, ଚୋରମରା ସେତୁଲାଗି ୧୨୩ କୋଟି, ଜଳେଶ୍ୱର ଟାଉନ୍ ରେଳ ଓଭରବ୍ରିଜ୍ ଲାଗି ୬୩ କୋଟି, ଚାଲନ୍ତିରେଳ ଓଭରବ୍ରିଜ ଲାଗି ୮୪ କୋଟି, ଜଳେଶ୍ୱର ମହିଳା କଲେଜ ଛାତ୍ରୀନାବାସ ଲାଗି ୧୮ କୋଟି, ଇଣ୍ଡୋର ଷ୍ଟାଡିୟମ ଲାଗି ୯ କୋଟି, ପାନୀୟ ଜଳା ପ୍ରକଳ୍ପ ଲାଗି ୧୦୦ କୋଟି, ୫୩ଟି ହଇସ୍କୁଲ ଲାଗି ୨୩କୋଟି୮୫ ଲକ୍ଷ, ୧୩ ମହାବିଦ୍ୟାଳୟ ନବୀକରଣ ଲାଗି ୫କୋଟି ୫୦ଲକ୍ଷ, ୮୩ଟି ଧାର୍ମିକ ଅନୁଷ୍ଠାନର ଉନ୍ନତି ଓ ନବୀକରଣ ଲାଗି ୩କୋଟି ୪୬ଲକ୍ଷ ଖର୍ଚ୍ଚ ହେଉଥିବା ବେଳେ 'ଆମ ଓଡିଶା, ନବୀନ ଓଡିଶା' ଯୋଜନାରେ ୩୮୬ ପ୍ରକଳ୍ପ ଲାଗି ୧୭ କୋଟି ୫୦ଲକ୍ଷ ଟଙ୍କା ଅନୁମୋଦନ ହେବାକୁ ଯାଉଥିବା କହିଥିଲେ । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭିକେ ପାଣ୍ଡିଆନ୍‌ଙ୍କୁ ଧନ୍ୟବାଦ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶନୀ ମଲ୍ଲିକ, ବିଡିଓ ପୁନମ ରାଉତ, ତହସିଲଦାର ସଂଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥିଭାବେ ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଂଜିତା ସେନାପତି ଉପସ୍ଥିତ ଥିଲେ । ବିଜେଡି ସଭାପତି ଦିଲ୍ଲିପ ସାମଲ, ସୁରଜୀତ ଘୋଷ, ମଧୁସୂଦନ ସେନାପତି, ବ୍ରିଜେସ ରଣା, ତପନ ଦାସ, ମନିନ୍ଦ୍ର ଧର, କୃଷ୍ଣ ପ୍ରସାଦ ସାସ, ଅରୁଣ ରାଉଳ, ଗଂଗାଧର ଦାସ, ଅନନ୍ତ ରାଉଳ, କ୍ଷିତିଶ ଦେ, ବିଦ୍ୟାଧର ମଲ୍ଲିକ, ମଧୁସୂଦନ ଦତ୍ତ, ବିଶ୍ୱଜିତ୍ ପାଳ, ନିମାଇଁ ଘୋଷ, ଗୌରବ ଦାସ ଓ ବିଭିନ୍ନ ପଂଚାୟତର ସରପଂଚ, ସମିତି ସଦସ୍ୟ, ଜିଲାପରିଷଦ ସଦସ୍ୟ, ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ ।

ହତ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନୀଳଗିରି , ୩୧/୧୦ (ନି.ପ୍ର): ଯୋତୁକ ନିର୍ଯାତନା ଓ ହତ୍ୟା ମାମଲାରେ ନୀଳଗିରି ଥାନା ଅଧିନ ନୟାପାଟଣା ଗ୍ରାମର କୃପାସିନ୍ଧୁ ସ ଙ୍କ ପୁଅ ରବିନ୍ଦ୍ର କୁମାର ସ ଙ୍କୁ ପ୍ରମାଣ ଅଭାବରୁ ନୀଳଗିରି ସହକାରୀ ଦୌରାଜଜ ନିର୍ଦ୍ଦୋଶରେ ଖଲାସ କରିଛନ୍ତି ।ସୂଚନା ଅନୁଯାୟୀ ସୋର ଥାନା ଶରଶଙ୍କ ଗ୍ରାମର ହରେକୃଷ୍ଣ ରାଉତ ଙ୍କ ଝିଅ ସୁମିତ୍ରା ରାଉତ ନୀଳଗିରି ଥାନା ଅଧିନ ରବିନ୍ଦ୍ରଙ୍କୁ ୨୩ ବର୍ଷ ପୂର୍ବେ ବୈଦିକ ରୀତି ନୀତି ଅନୁଯାୟୀ ବିବାହ ଦେଇଥିଲେ ।ବିବାହ ସମୟରେ ଦାବି ମୁତାବକ ନଗଦ ୫ ଲକ୍ଷ ଟଙ୍କା,ସ୍ୱର୍ଣ୍ଣ ଅଳଙ୍କାର ଓ ଅନେକ ଆସବା ପତ୍ର ପ୍ରଦାନ କରିଥିଲେ ।ବିବାହ ପରେ ଉଭୟ ସୁମିତ୍ରା ଓ ରବିନ୍ଦ୍ର ସୁଖରେ ଦାମ୍ପତ୍ୟ ଜୀବନ ଅତିବାହିତ କରିଥିବା ବେଳେ ଦୁଇଟି ସନ୍ତାନର ଜନନୀ ହୋଇଥିଲେ ।ପରବର୍ତ୍ତୀ ସମୟରେ ଅଧିକ ଯୌତୁକକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା ପରେ ଉକ୍ତ ଘଟଣାରେ ରବିନ୍ଦ୍ରଓ ତାଙ୍କ ପରିବାର ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ ।୨୦୧୫ ମସିହା ସେପ୍ଟେମ୍ବର ମାସ ୨୫ ତାରିଖରେ ସୁମିତ୍ରାଙ୍କୁ ମାଡ ମାରିବା ସହ ତାଙ୍କ ପାଟିରେ ବିଷ ଢାଳି ମାରିଦେଇଥିବାର ସୁମିତ୍ରାଙ୍କ ପିତା ନୀଳଗିରି ଥାନାରେ ଏତଲା କରିଥିଲେ ।ଏ ନେଇ ୨୯୫/୨୦୧୫ ଏକ ମାମଲା ରୁଜୁ କରାଯାଇଥିବା ବେଳେ ରବୀନ୍ଦ୍ରଙ୍କ ବିରୋଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ ୪୯୮(କ)/୩୦୬ ଦଫା ଓ ଯୌତୁକ ନିରୋଧ ଆଇନ ଧାରା ୪ ଅନୁଯାୟୀ ଚାର୍ଜସିଟ ଦାଖଲ କରାଯାଇଥିଲା ।ଉକ୍ତ ମକଦ୍ଦମାରେ ସି.ଟି ୨/୬ -୨୦୧୬ ନୀଳଗିରି ସହକାରୀ ଦୌରାଜଜ୍ ଙ୍କ ଇଜିଲାସରେ ବିଚାର କରାଯାଇଥିଲା । ଉକ୍ତ ମୋକଦ୍ଦମାରେ ୨୧ ଜଣ ସାକ୍ଷୀ ଙ୍କ ପ୍ରମାଣକୁ ଭିତ୍ତିକରି ମୋକଦ୍ଦମା ଚାଲିଥିବା ବେଳେ ପ୍ରମାଣ ଅଭାବରୁ ମାନ୍ୟବର ନୀଳଗିରି ସହକାରୀ ଦୌରାଜଜ ସୁନନ୍ଦା ପ୍ରଧାନ ଅକ୍ଟୋବର ୩୧ ତାରିଖରେ ମୁଦାଲା ରବିନ୍ଦ୍ର ସଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି ।ମୁଦାଲା ଙ୍କ ତରଫରୁ ଆଇନିଜୀବି ଦେବେନ୍ଦ୍ର ପଣ୍ଡା ମୋକାଦ୍ଦମା ପରିଚାଳନା କରିଥିଲେ ।

ସ୍ୱର୍ଣ୍ଣ ପଦକ ହାସଲ କରିଥିବା ୩ ରଗବୀ ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ବାରିପଦା, ୩୧/୧୦ (ନି.ପ୍ର): ଗୋଆ ଠାରେ ଅନୁଷ୍ଠିତ ୩୭ ତମ ଜାତୀୟ ରଗବୀ ପ୍ରତିଯୋଗିତାରେ ଓଡିଶା ମହିଳା ଦଳ ଚମ୍ପିୟାନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛି । ୧୨ ଜଣିଆ ଓଡିଶା ଦଳରେ ମୟୁରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ, ପାର୍ବତୀ ହାଁସଦା, ସୁନୀତା ହାଁସଦା, ଆରତୀ ମୁର୍ମୁ ଓ ଡୁମୁନୀ ମାର୍ଣ୍ଡି ୫ ଜଣ ଝିଅ ସ୍ଥାନ ପାଇଥିଲେ । ଏହି କୃତିତ୍ୱ ପାଇଁ ରାଜ୍ୟ ସରକାର ପ୍ରତି ଖେଳାଳିଙ୍କୁ ୫ ଲକ୍ଷ ଟଙ୍କାର ପ୍ରସାହନ ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । ମୟୁରଭଞ୍ଜ ଜିଲ୍ଲାର ୫ ଜଣଙ୍କ ମଧ୍ୟରୁ ବାରିପଦାକୁ ପ୍ରତ୍ୟାବର୍ତ୍ତନ କରିଥିବା ସନ୍ଧ୍ୟାରାଣୀ, ପାର୍ବତୀ ଓ ସୁନୀତା ୩ ଜଣଙ୍କୁ ଆଜି ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସମ୍ବର୍ଦ୍ଧିତ କରିବା ସହ ସମସ୍ତଙ୍କୁ କିଟ ପ୍ରଦାନ କରାଯିବ ବୋଲି କହିଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଚିଲିକା ବ୍ଲକରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୩୧/୧୦ (ନି.ପ୍ର): ଚିଲିକା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି . ଆଜି ମୋଟ ୬୦ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇ ଥିବା ବେଳେ ସେଥିମଧ୍ୟରୁ ୫୧ ଟି ଅବିଯୋଗ ବ୍ୟକ୍ତିଗତ ଥିଲାବେଳେ ୦୩